୬ ଇମ୍ପାକ୍ଟ ଖେଳାଳି ଭାବେ କାହିଁକି ଖେଳିଲେ ରୋହିତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ଦର୍ପଣେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୯୭ ● ୫ ମଇ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-97 ● 5th May 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24

ନିର୍ବାଚନ ପ୍ରଚାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ନବୀନଙ୍କ ନୂଆ ସ୍ଲୋଗାନ, 'ନବୀନ ପଟ୍ଟନାୟକ ଭଲ କି' ପ୍ରଶ୍ନରେ ନବରଙ୍ଗପୁରବାସୀଙ୍କ ଉଚ୍ଛ୍ୱସିତ ଉତ୍ତର

ନବରଙ୍ଗପୁର, ୪।୫
ନ୍ୟୁଜ୍ ବ୍ୟୁରୋ

ରାଜନୀତିରେ ନିଜର ସ୍ୱଚ୍ଛ ଓ ସରଳ ଚିନ୍ତାଧାରା ପାଇଁ ସାରା ଦେଶରେ ପ୍ରଶଂସିତ ନବୀନ ପଟ୍ଟନାୟକ ଶନିବାର କୋରାପୁଟ ପରେ ନବରଙ୍ଗପୁରରେ ମଧ୍ୟ ନିରାଡମ୍ବର ଢଙ୍ଗରେ ନିର୍ବାଚନ ପ୍ରଚାର କରି ଲୋକଙ୍କ ହୃଦୟ ଜିତିଛନ୍ତି ।

ନବରଙ୍ଗପୁରର ମାଝୀଗୁଡା ଠାରେ ଆୟୋଜିତ ପ୍ରଚାର ସଭାରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ପ୍ରଥମେ ପଚାରିଥିଲେ, ଆପଣମାନେ ଭଲ ଅଛନ୍ତି ତ? ଏହି ଗୋଟିଏ ପ୍ରଶ୍ନରେ ଉପସ୍ଥିତ ଜନତା ଭାବବିହ୍ୱଳ ହୋଇପଡିଥିଲେ। ସମସ୍ତଙ୍କ ହୃଦୟକୁ ଛୁଇଁଥିଲେ ନବୀନ।

ଉପସ୍ଥିତ ବିଶାଳ ଜନସମୁଦ୍ରର ହର୍ଷୋଲ୍ଲାସ ଓ କରତାଳି ମଧ୍ୟରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ ୧୧ ଟି ପ୍ରଶ୍ନ । ଆମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଚାଲିଛି ? ମମତା ଯୋଜନା ଭଲ ଚାଲିଛି ? ମିଶନ ଶକ୍ତି, ନୂଆ-ଓ ସ୍କଲାରସିପ୍, କାଳିଆ ଯୋଜନା, ପୁରୀ ପରିକ୍ରମା ପ୍ରକଳ୍ପ, ଟଙ୍କିକିଆ ଚାଉଳ, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତର, ଆଦି ସବୁ କାମ ଭଲ ଚାଲିଛି ବୋଲି ପଚାରିଥିଲେ ମୁଖ୍ୟମନ୍ତ୍ରୀ । ପ୍ରତି ପ୍ରଶ୍ନରେ ଜନତାଙ୍କ ଉତ୍ତର 'ହଁ' ବହୁତ ଭଲ ଚାଲିଛି ବୋଲି ସଭାସ୍ଥଳୀରେ ପ୍ରତିଧ୍ୱନିତ ହୋଇଥିଲା। ସମସ୍ତେ ବହୁତ ଖୁସି ଓ ଉତ୍ସାହିତ ଥିଲେ ।

ଶେଷରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ ନବୀନ ପଟ୍ଟନାୟକ ଭଲ କି ? ଏହାପରେ ଭାବବିହ୍ୱଳ ଜନତା ଏକ ସ୍ୱରରେ କହିଥିଲେ 'ହଁ' ଦୀର୍ଘ ସମୟ ଧରି ଏହି 'ହଁ' ର ଗୁଞ୍ଜରଣ ସଭାସ୍ଥଳରେ ପ୍ରତିଧ୍ୱନିତ ହୋଇଥିଲା।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀ ବିଜେପି ଦଳ ନେତା ମିଛ କଥା କହୁଛନ୍ତି, ଅପପ୍ରଚାର କରୁଛନ୍ତି । ଆପଣମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନଙ୍କୁ ଜିତାନ୍ତୁ ।

ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଲୋକଙ୍କୁ କହିଥିଲେ ଯେ ଓଡିଶାର ରୂପାନ୍ତରକୁ ଆହୁରି ଆଗେଇ ନେବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରନ୍ତୁ । ସେ ମଧ୍ୟ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ପ୍ରଶ୍ନ ପଚାରି ଲୋକଙ୍କ ମତାମତ ନେଇଥିଲେ। ନବରଙ୍ଗପୁର ନୂଆ ସରକାରୀ କଲେଜ କିଏ କରିଛି ? ସ୍ୱତନ୍ତ୍ର ଉନ୍ନୟନ ପରିଷଦ କିଏ କରିଛି ? ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଅଲେଖ ମହିମା ପୀଠ ଆଦିର ରୂପାନ୍ତର କିଏ କରିଛି ? ବଡ ବଡ ସେତୁ, ନୂଆ-ଓ ସ୍କଲାରସିପ, ମିଶନ ଶକ୍ତି, କାଳିଆ, ମମତା ଆଦି ଯୋଜନା କିଏ କରିଛି ? ସବୁର ଉତ୍ତର ଆସିଥିଲା ନବୀନ ପଟ୍ଟନାୟକ। ଏହାପରେ ଶ୍ରୀ ପାଣ୍ଡିଆନ କହିଥିଲେ ନବୀନ ପଟ୍ଟନାୟକ ଆପଣଙ୍କ ପାଇଁ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି, ଆପଣମାନେ ତାଙ୍କୁ ଆଶୀର୍ବାଦ କରନ୍ତୁ, ଯୋଡି ଶଙ୍ଖରେ ଭୋଟ ଦିଅନ୍ତୁ।

ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ନବରଙ୍ଗପୁରରେ ବିଜୁଳି, ସଡକ, ପାଣି ସୁବ୍ୟବସ୍ଥିତ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆସିଛି। ବିଜେପି ଏ ଅଞ୍ଚଳରେ ମିଥ୍ୟା ପ୍ରଚାର ଓ ପ୍ରତିଶ୍ରୁତିରେ ଲୋକଙ୍କୁ ପୋତି ପକାଇଛନ୍ତି । ସମସ୍ତେ ଜାଣି ରଖିବା ଉଚିତ ଯେ ପରିକ୍ରମା ପ୍ରକଳ୍ପକୁ ବିରୋଧ କରିଥିଲେ ବିଜେପି ନେତା। ପରିକ୍ରମା ପ୍ରକଳ୍ପକୁ ବିରୋଧ ହେଉଛି, ଓଡିଆ ଅସ୍ମିତା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିରୋଧ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉମରକୋଟ ବିଧାନସଭା ପ୍ରାର୍ଥୀ ନବିନା ନାୟକ, ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, ଝରିଗାଁ ବିଧାନସଭା ପ୍ରାର୍ଥୀ ରମେଶ ମାଝୀ ପ୍ରମୁଖ ନିର୍ବାଚନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

ବିଶ୍ୱର ସର୍ବବୃହତ ନିର୍ବାଚନ ଦେଖିବା ପାଇଁ ଭାରତରେ ୨୩ ଦେଶର ଇଏମବିର ୭୫ ପ୍ରତିନିଧି

ନୂଆଦିଲ୍ଲୀ, ୪।୫

ନିର୍ବାଚନୀ ସ୍ୱଚ୍ଛତାର ପ୍ରତୀକ ଭାବରେ ଭାରତର ନିର୍ବାଚନ ଆୟୋଗ ସର୍ବୋଚ୍ଚମାନର ସାଧାରଣ ନିର୍ବାଚନ ଆୟୋଜନ ପାଇଁ ନିଜର ପ୍ରତିବଦ୍ଧତାର ଉଦାହରଣ ସୃଷ୍ଟି କରିଛନ୍ତି । ଏହି କ୍ରମରେ ଭାରତର ନିର୍ବାଚନ ଆୟୋଗଙ୍କ ନିମନ୍ତ୍ରଣକ୍ରମେ ବିଶ୍ୱ ନିର୍ବାଚନ ପରିଚାଳନା ସଂସ୍ଥା (ଇଏମବି)ଗୁଡ଼ିକୁ ଗଣତାନ୍ତ୍ରିକ ଉତ୍କର୍ଷତାକୁ ପ୍ରତ୍ୟକ୍ଷ ଭାବେ ଦେଖିବା ଲାଗି ଏକ ସୁଯୋଗ ପ୍ରଦାନ କରିଛନ୍ତି। ଚଳିତ ଲୋକସଭା ନିର୍ବାଚନ ୨୦୨୪ରେ ଭାରତୀୟ ନିର୍ବାଚନ ଆୟୋଗ ନିର୍ବାଚନ ଆଗନ୍ତୁକ କାର୍ଯ୍ୟକ୍ରମ ବା ଇଲେକ୍ସନ ଭିଜିଟର୍ସ ପ୍ରୋଗ୍ରାମ (ଆଇଇଭିପି) ଆୟୋଜନ କରି ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ଜାରି ରଖିଛନ୍ତି।

ପ୍ରତିନିଧିଙ୍କ ଅଂଶଗ୍ରହଣର ବ୍ୟାପକତା ଏବଂ ପରିମାଣ ଦୃଷ୍ଟିରୁ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି। ଭୁଟାନ, ମଙ୍ଗୋଲିଆ, ଅଷ୍ଟ୍ରେଲିଆ, ମାଡାଗାସ୍କର, ଫିଜି, କିର୍ଗିଜ ରିପବ୍ଲିକ, ରୁଷ, ମୋଲଡୋଭା, ଟ୍ୟୁନିସିଆ, ସିଶେଲ୍ସ, କାମ୍ବୋଡିଆ, ନେପାଳ, ଫିଲିପାଇନ୍ସ, ଶ୍ରୀଲଙ୍କା, ଜିମ୍ବାବ୍ୱେ, ବାଂଲାଦେଶ, କାଜାଖସ୍ତାନ, ଜର୍ଜିଆ, ଚିଲି, ଉଜବେକିସ୍ତାନ, ମାଳଦ୍ୱୀପ, ପାପୁଆ ନ୍ୟୁ ଗିନି ଏବଂ ନାମିବିୟା ଭଳି ୨୩ଟି ଦେଶର ବିଭିନ୍ନ ଇଏମବି ଏବଂ ନିର୍ବାଚନ ସଂଗଠନର ପ୍ରତିନିଧିତ୍ୱ କରୁଥିବା ୭୫ ଜଣ ପ୍ରତିନିଧି ବିଶ୍ୱର ସର୍ବବୃହତ ନିର୍ବାଚନୀ କାର୍ଯ୍ୟକ୍ରମ ଭାରତୀୟ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବେ। ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଫର ଇଲେକ୍ଟୋରାଲ ସିଷ୍ଟମ (ଆଇଏଫଇଏସ)ର ସଦସ୍ୟ ଏବଂ ଭୁଟାନ ଓ *(ପୃଷ୍ଠା ୭ରେ)*

ଭାରତର କିଛି ଅଞ୍ଚଳକୁ ନିଜର ନୂଆ ନୋଟରେ ଛାପିଲା ନେପାଳ

ନୂଆଦିଲ୍ଲୀ, ୪।୫

ଭାରତର କିଛି ଅଞ୍ଚଳକୁ ନେପାଳ ନିଜର ନୂଆ ନୋଟରେ ଛାପିଛି। ନେପାଳ ପକ୍ଷରୁ ନୂଆ ମାନଚିତ୍ର ସହିତ ୧୦୦ ଟଙ୍କାଆ ନୋଟ ଛପାଯିବା ନେଇ ଘୋଷଣା କରାଯାଇଥିଲା। ଏହି ନୋଟରେ ଲିପୁଲେଖ, ଲିମ୍ପିୟାଧୁରା ଏବଂ କଳାପାଣି ଆଦି ଅଞ୍ଚଳର ଫଟୋ ସ୍ଥାନିତ କରାଯାଇଛି। ଯେଉଁଗୁଡ଼ିକ ଭାରତର ଅଞ୍ଚଳ। ଏହି ଭୂ-ଭାଗକୁ ନେଇ ଭାରତ ଓ ନେପାଳ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି । *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ବିରୋଧୀ ଦଳ ମିଛ କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

ଜୟପୁର, ୪।୫ : ନ୍ୟୁଜ୍ ବ୍ୟୁରୋ

ରାଜନୀତିରେ ନିଜର ସ୍ୱଚ୍ଛ ଓ ସରଳ ଚିନ୍ତାଧାରା ପାଇଁ ସାରା ଦେଶରେ ପ୍ରଶଂସିତ ନବୀନ ପଟ୍ଟନାୟକ ଶନିବାର ନିଆରା ଶୈଳୀରେ କୋରାପୁଟର ଓଏମ୍‌ପି ପଡିଆରେ ନିର୍ବାଚନ ପ୍ରଚାର କରିଛନ୍ତି ।

ପ୍ରଚାରରେ ଲମ୍ବା ଲମ୍ବା ଭାଷଣ ନ ଥିଲା, କି କାହାକୁ କଟୁ ସମାଲୋଚନା ନ ଥିଲା। ବ୍ୟକ୍ତିଗତ ଆରୋପ ଓ ଆକ୍ଷେପର ପ୍ରଶ୍ନ ଉଠୁ ନ ଥିଲା। ଏହା ହେଉଛି *(ପୃଷ୍ଠା ୭ରେ)*

୪ ଲୋକସଭା ଆସନର ୩୭ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ ୧୭ଜଣ କୋଟିପତି

ଭୁବନେଶ୍ୱର, ୪।୫
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୪ ଲୋକସଭା ଆସନ ଯଥା- ବ୍ରହ୍ମପୁର, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ପାଇଁ ନାମାଙ୍କନ ଦାଖଲ କରିଥିବା ୩୭ ପ୍ରାର୍ଥୀଙ୍କ ସତ୍ୟପାଠ ଆଧାରରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ପ୍ରଥମ ପର୍ଯ୍ୟାୟ ଭୋଟ ନେଇ ଏଡିଆର ଓ ଓଡ଼ିଶା ଇଲେକ୍ସନ ୱାଚ'ର ରିପୋର୍ଟ



ଅନୁଯାୟୀ, ୩୭ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ ୧୭ଜଣ କୋଟିପତି । ଏମାନଙ୍କ ଭିତରୁ ବିଜେପିର କଳାହାଣ୍ଡି ଲୋକସଭା ପ୍ରାର୍ଥୀ ମାଳବିକା ଦେଓ ସବୁଠାରୁ ଧନୀ। ତାଙ୍କ ସମ୍ପତ୍ତିର ମୂଲ୍ୟ ୪୧ କୋଟି ୯୮ ଲକ୍ଷ। ସେହିପରି କମ ଟଙ୍କା ଥିବା ପ୍ରାର୍ଥୀ ହେଉଛନ୍ତି ପ୍ରମିଳା ପୂଜାରୀ। କୋରାପୁଟ ଲୋକସଭା ଆସନରୁ ଏସୟୁସିଆଇର ପ୍ରାର୍ଥୀ ପ୍ରମିଳା ପୂଜାରୀ ତାଙ୍କର ବିଭିନ୍ନ ବ୍ୟାଙ୍କ ଖାତାରେ ପ୍ରାୟ ୪୧ ହଜାର ଟଙ୍କା ରହିଛି। *(ପୃଷ୍ଠା ୭ରେ)*

ଆଜି ରାତି ସାଢ଼େ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର, ୪।୫ : ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାତି ସାଢ଼େ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ରବିବାର ରାତିରେ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରରେ ପହଞ୍ଚିବେ ଏବଂ *(ପୃଷ୍ଠା ୭ରେ)*

ବାୟୁସେନାର କନଭୟ ଉପରେ ବଡ଼ଧରଣର ଆତଙ୍କବାଦୀ ହମଲା

ନୂଆଦିଲ୍ଲୀ, ୪।୫

ନିର୍ବାଚନ ବେଳେ ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ହୋଇଛି ବଡ଼ଧରଣର ଆତଙ୍କୀ ହମଲା। ଜମ୍ମୁ-କଶ୍ମୀରର ପୁଞ୍ଚ ଅନ୍ତର୍ଗତ ସୁରାନକୋଟେରେ ଶନିବାର ଭାରତୀୟ ବାୟୁସେନାର କନଭୟରେ ଥିବା ୨ଟି ଗାଡ଼ି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି।

ସେମାନେ ଗ୍ରେନେଡ ଓ ଗୁଳିମାଡ଼ କରିବାରୁ ଏଯାଏ ୪ ଜଣ ଯବାନ ଆହତ ହୋଇଥିବା ଖବର ଆସିଛି।

ହମଲା ସମ୍ପର୍କରେ ଖବର ମିଳିବା ପରେ କନଭୟରେ ଥିବା ଯବାନଙ୍କୁ ବ୍ୟାକଅପ ଦେବାକୁ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ଏବେ ସେଠାରେ ଆତଙ୍କବାଦୀ ନିରୋଧ ଅପରେସନକୁ ଜୋରଦାର କରାଯାଇଛି। ଉକ୍ତ ଅଞ୍ଚଳରେ ଚଳିତ ବର୍ଷ ପ୍ରଥମଥର *(ପୃଷ୍ଠା ୭ରେ)*

ଇସ୍ପାତ ଉତ୍ପାଦନରେ ଶୀର୍ଷରେ ଓଡ଼ିଶା, ପୂର୍ବ ବର୍ଷ ତୁଳନାରେ ୧୧% ଅଧିକ ଉତ୍ପାଦନ

ଭୁବନେଶ୍ୱର, ୪।୫ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଯୋଗୁ ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏବେ ୧ ନମ୍ବର ସ୍ଥାନରେ ପହଞ୍ଚିପାରିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୬ ନିୟୁତ ଟନ ଇସ୍ପାତ ଉତ୍ପାଦନ ହୋଇଛି। *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଚାରିଆଡେ ପରା ଶବଦ ଶୁଭୁଛି
ବାଜୁଅଛି ଖାଲି ଶଙ୍ଖ
ଏତିକିବେଳକୁ ବିଦ୍ରୋହୀ ଯେତକ
ଟେକିଲେଣି ତାଙ୍କ ଟାଙ୍କ
ଖୋଜୁଥାନ୍ତି ବାର ବାଙ୍କ
ଇସ୍ତଫା ଦେଲେ ବି ଶୁଣିବେନି
ପାଇବେନି ଟିକେ ଫାଙ୍କ।

ମାଲଗୋଦାମରେ ରଙ୍ଗ ବୋଳା ବିଷ ଡାଲି ! ଛତିଶଗଡ଼, ବିହାରରୁ ଆମଦାନୀ

କଟକ, ୪।୫ : ନ୍ୟୁଜ୍ ବ୍ୟୁରୋ

ମାଲଗୋଦାମରେ ଏବେ ରଙ୍ଗବୋଳା ନକଲି ହରଡ଼ ଡାଲିର କାରବାର ଉଦ୍‌ବେଗର କାରଣ ହୋଇଛି । ଖେସାରୀ ଡାଲିରେ ରଙ୍ଗ ଦେଇ ତାହାକୁ ଅବିକଳ ହରଡ଼ ଡାଲିର ରୂପ ଦିଆଯାଉଛି । ବଜାରରେ ହରଡ଼ ଡାଲିର ମୂଲ୍ୟ ବୃଦ୍ଧି ପାଉଥିବାରୁ ଅସାଧୁ ବ୍ୟବସାୟୀ ଶସ୍ତା ତଥା ନିଷିଦ୍ଧ ଖେସାରୀ ଡାଲିକୁ ହରଡ଼ ସହିତ ମିଶାଇ ମାଲଗୋଦାମରେ ବିକ୍ରି କରୁଛନ୍ତି । ଏଭଳି ବେଆଇନ କାରବାରରେ ମାଲଗୋଦାମରେ ନିର୍ଦ୍ଦିଷ୍ଟ ଭାବେ ଦୁଇ ଡାଲି ବ୍ୟବସାୟୀ ସାମିଲ ଥିବାନେଇ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଓଡ଼ିଶାରେ ୧୯୬୪ ଜାନୁଆରୀ ୧ରୁ ଖେସାରୀ ଡାଲିକୁ ନିଷିଦ୍ଧ ଘୋଷଣା କରାଯାଇଥିଲା। ୧୯୫୫ ଖାଦ୍ୟ ଅପମିଶ୍ରଣ ନିବାରଣ ନିୟମ(୪୪-ଏ) ଅନୁଯାୟୀ ଖେସାରୀ ଡାଲିର ବିକ୍ରି ଓ ଗଚ୍ଛିତ ଉପରେ କଟକଣା ଲଗାଯାଇଥିଲା। ଏଥିରେ ଡି-ଆମିନୋ-ପ୍ରୋ-ପିଓନିକ ଏସିଡ ଚିହ୍ନଟ ହୋଇଥିଲା। ଏହି ଧରଣର ଡାଲି ଖାଇଲେ ପାରାଲିସିସ ହେବାର ଆଶଙ୍କା କରାଯିବା ସହିତ ମେରୁଦଣ୍ଡ ଉପରେ ପ୍ରଭାବ ପଡୁଥିବା କୁହାଯାଇଥିଲା। କିନ୍ତୁ ୬୦ ବର୍ଷ ପରେ ବି ଏହି ଡାଲିର କାରବାର ଉପରେ ସଂପୂର୍ଣ୍ଣ କଟକଣା *(ପୃଷ୍ଠା ୭ରେ)*

ହାଇକୋର୍ଟରେ ଜେଲ୍ ସଂସ୍କାର ମାମଲା

ଭୁବନେଶ୍ୱର ସ୍ୱତନ୍ତ୍ର ଜେଲ୍‌ରେ କ୍ଷମତାଠାରୁ ୩୦% ଅଧିକ ବନ୍ଦୀ

କଟକ, ୪।୫ : ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଜେଲରେ ୨୦୧ କ୍ଷମତା ଥିବା ବେଳେ ସେଠାରେ ଏବେ ୨୬୫ ଜଣ ବନ୍ଦୀ ରହୁଛନ୍ତି । ଯାଜପୁର ଜେଲର କ୍ଷମତା ୧୩୩ ଥିବା ବେଳେ ସେଠାରେ ଏବେ ୨୦୦ ବନ୍ଦୀ ରହୁଛନ୍ତି । ଭୁବନେଶ୍ୱର ସ୍ପେଶାଲ ଜେଲର କ୍ଷମତା ୯୯୧ ହୋଇଥିବା ବେଳେ ଏବେ ପ୍ରାୟ ୩୦ ପ୍ରତିଶତ ଅଧିକ ଅର୍ଥାତ ୧୩୯୭ ଜଣ ବନ୍ଦୀଙ୍କୁ ରଖାଯାଇଛି । ରାଜ୍ୟର କେତେକ ଜେଲରେ ଏଭଳି ନିର୍ଦ୍ଧାରିତ ସଂଖ୍ୟା ଠାରୁ ବହୁ ଅଧିକ ବନ୍ଦୀ ରହିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତର ସହିତ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ

ଗଠିତ ଖଣ୍ଡପୀଠରେ ଜେଲ ସଂସ୍କାର ସଂପର୍କିତ ମାମଲାର ଶୁଣାଣି ହୋଇଥିବା ବେଳେ ରାଜ୍ୟର ସବୁ ଜିଲ୍ଲାରେ ରହିଥିବା ୟୁଟିଆରସି(ଅଣ୍ଡର ଟ୍ରାଏଲ ରିଭ୍ୟୁ କମିଟି) ଜେଲରେ ଭିଡ଼ ସମସ୍ୟା ସମାଧାନ ପ୍ରସଙ୍ଗରେ ପଦକ୍ଷେପ ନେବା ଉଚିତ ବୋଲି ଆମିକସ କ୍ୟୁରି ଦର୍ଶାଇଥିଲେ। ହାଇକୋର୍ଟ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୫ ମଇ, ରବିବାର, ୨୦୨୪



ଗୋଚର ଜମିରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଅଭିଯୋଗ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ଗ୍ରାମପଞ୍ଚାୟତ ଭାବରଚାନ୍ଦ ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ଏକ ଗୋଚର ଜମିରେ କରାଯାଉଥିବାର ଅଭିଯୋଗ ହୋଇଛି। ତେବେ ଏହି ଗୃହର ଛାତ ନିର୍ମାଣ କାର୍ଯ୍ୟ ରାତ୍ରରେ ବିନା ଅଧିକାରୀଙ୍କ ଅନୁପସ୍ଥିତିରେ କରାଯାଇ ଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ବନ୍ଧୁପୁର ଗ୍ରାମପଞ୍ଚାୟତ ଭାବରଚାନ୍ଦ ଉପସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ସରକାର ୨୮ ଲକ୍ଷ ୪୪ ହଜାର ୭୯ ଟଙ୍କା ମଞ୍ଜୁର କରିଥିଲେ। ଏହି ଗୃହ ନିର୍ମାଣ କାର୍ଯ୍ୟ ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯାଇ ଏକ ଗୋଚର ଜମିରେ କରାଯାଉଥିବାର ଅଭିଯୋଗ ହୋଇଛି। ତେବେ ଗୋଚର ଜମିରେ ଗୃହ କିପରି ନିର୍ମାଣ କରାଗଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷରେ ଏହି ଗୃହ ନିର୍ମାଣ ଅଟକଳ ଅନୁଯାଇ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଠିକାଦାର ମନମୁଖୀ ଭାବେ ରାତ୍ରରେ ଗୃହର ଛାତ ପକା କାର୍ଯ୍ୟ କରିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନଥିବାର ଅଭିଯୋଗ ହୋଇଛି। ଫଳରେ ଏହି କାର୍ଯ୍ୟରେ ବ୍ୟାପକ ଚଞ୍ଚକତା ଅନିୟମିତତା କରାଯାଇ ଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ତରଫରୁ ଏହି ଗୃହ ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

ବିଏମ୍‌ସିର ୱାର୍ଡ଼ ଅଫିସ ନିର୍ମାଣରେ ବିଳମ୍ବ : ୪୨ ୱାର୍ଡ଼ ଅଫିସରୁ ମାତ୍ର ଗୋଟିଏ ଉଦ୍‌ଘାଟିତ

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ଲକ୍ଷ୍ୟ ଥିଲା ଜାନୁଆରୀ ସୁଦ୍ଧା ବିଏମ୍‌ସିର ସମସ୍ତ ୱାର୍ଡ଼ରେ ୱାର୍ଡ଼ ଅଫିସ୍ କାର୍ଯ୍ୟକ୍ଷମ ହେବ। ପରେ ଏହା ମାର୍ଚ୍ଚକୁ ଘୁଞ୍ଚିଥିଲା । ହେଲେ ମାର୍ଚ୍ଚ ସୁଦ୍ଧା ବିଏମ୍‌ସିର ବେବଳ ଗୋଟିଏ ୱାର୍ଡ଼ ଅଫିସ୍ ଉଦ୍‌ଘାଟନ ହୋଇଛି । ଆଉ ୪୧ଟି ୱାର୍ଡ଼ ଅଫିସ ଏବେ ବି ନିର୍ମାଣାଧୀନ ଅବସ୍ଥାରେ ରହିଛି। ଜମି ସମସ୍ୟା ପାଇଁ କେତେକ ୱାର୍ଡ଼ରେ ଅଫିସ୍ ନିର୍ମାଣ ଅନେକ ବିଳମ୍ବ ହୋଇଛି । ସରକାରୀ ଜମି ଖଣ୍ଡିଏ ପାଇବାକୁ ମାସ ମାସ ବିତିଯାଇଛି । ଜମି ପାଇବା ପରେ ବି ନିର୍ଦ୍ଧାରିତ ସମୟରେ ୱାର୍ଡ଼ ଅଫିସ୍ କାର୍ଯ୍ୟକ୍ଷମ କରିବାରେ ବିଏମ୍‌ସି ବିଫଳ ହୋଇଛି। ବିଏମ୍‌ସି ୧୨ ନମ୍ବର ୱାର୍ଡ଼ ଅଫିସ ଉଦ୍‌ଘାଟନ ହୋଇଛି ବୋଲି କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି କହିଛନ୍ତି। ବିଏମ୍‌ସି ଅଧିନ ୱାର୍ଡ଼ ଅଫିସ ପରିଚାଳନା ପଛରେ ପଡ଼ିଛି। ଅସ୍ଥାୟୀ ୱାର୍ଡ଼ ଅଫିସ୍ ଅଛି ଓ ୱାର୍ଡ଼ ଅଫିସ୍‌ର ବି ଅଛନ୍ତି। ହେଲେ ଅଫିସ୍ ଠିକ୍ ଭାବେ ଚାଲିପାରୁନି । ସାଧାରଣ ସମସ୍ୟାଟିଏ ହେଲେ ବି ଲୋକ ବିଏମ୍‌ସି ଅଫିସକୁ ଧାଇଁ ଆସୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଗତ ବର୍ଷ ଏପ୍ରିଲ୍‌ରେ ୱାର୍ଡ଼ ଅଫିସ୍ ନିର୍ମାଣ ସହ ଏହାର ପରିଚାଳନା ଏସ୍‌ଏଚ୍‌ଜି ମହିଳାଙ୍କ ହାତରେ ଦେବାକୁ ବିଏମ୍‌ସି ଘୋଷଣା କରିଥିଲା। ସେ ଅନୁସାରେ ଏସ୍‌ଏଚ୍‌ଜି ଚୟନ ମଧ୍ୟ ସରିଛି । ମାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଉତ୍ସର୍ଗୀକୃତ ୱାର୍ଡ଼ ଅଫିସ୍ ନଥିବାରୁ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୪୨ ନମ୍ବର ୱାର୍ଡ଼ ବିଶଷ୍ଟ ବ୍ରହ୍ମପୁର ମହାନଗର ନିଗମ । ବୃହତ୍ତ ପରିଧିରେ ଅବସ୍ଥିତ ଏହି ସହର ପାଇଁ ଗୋଟିଏ କାର୍ଯ୍ୟାଳୟ। ତେଣୁ ୨୦୨୩ ଜାନୁଆରୀ ୨୬ରୁ ୱାର୍ଡ଼ ଅଫିସ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରହିଥିଲା। ମାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ୱାର୍ଡ଼ ଅଫିସ ପାଇଁ ସ୍ୱତନ୍ତ୍ର ଅଫିସ୍ ଓ କୋଠା ଡ଼ିଜାଇନ୍ ପଠାଇଥିଲା । ପ୍ରଦତ୍ତ ପ୍ଲାନ୍ ଅନୁସାରେ ୱାର୍ଡ଼ ଅଫିସ୍ ନିର୍ମାଣ କରିବାକୁ କୁହାଯାଇଥିଲା। ପ୍ରତି ୱାର୍ଡ଼ରେ ୪୭୨ ବର୍ଗ ଫୁଟ ଜମିରେ ଅଫିସ୍ ନିର୍ମାଣ ହେବ। ଅଫିସ୍ ପାଇଁ ୧୧ ଲକ୍ଷ ୧୧ ହଜାର ୪୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ବିଭାଗୀୟ ନିର୍ଦ୍ଦେଶ ମିଳିଥିଲା। ୱାର୍ଡ଼ ଅଫିସ୍ ପାଇଁ ବିଏମ୍‌ସି ଅଧିକାରୀ ଓ କର୍ମଚାରୀ ଜମି ଖୋଜାରେ ଲାଗି ପଡ଼ିଲେ । ନୂଆ ବର୍ଷରେ ଅର୍ଥାତ୍ ୨୦୨୪ ଜାନୁଆରୀରେ ନୂଆ ଢ଼ଙ୍ଗରେ ୱାର୍ଡ଼ ଅଫିସ୍ ପରିଚାଳନା ପାଇଁ ବିଏମ୍‌ସି ଲକ୍ଷ୍ୟ ସ୍ଥିର କରିଥିଲା । ଏଥିପାଇଁ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ପ୍ରକ୍ରିୟା ଆରମ୍ଭ କରିଥିଲା। ୱାର୍ଡ଼ ଅଫିସ୍ ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ହାତରେ ଦେବାକୁ ବିଏମ୍‌ସି ଲକ୍ଷ୍ୟ ରଖିଥିଲା । ସେହି ଅନୁସାରେ ମହିଳା ଗୋଷ୍ଠୀ ଚୟନ ସରିଛି। ଗୋଷ୍ଠୀର ଜଣେ ସଦସ୍ୟ ୱାର୍ଡ଼ ଅଫିସ୍ ସଂଯୋଜକ ଦାୟିତ୍ୱରେ ରହିବେ। ତାଙ୍କୁ ମାସିକ ୧୦ ହଜାର ଟଙ୍କା ପାରିଶ୍ରମିକ ଦିଆଯିବ। ଭଡା ଠାରୁ ଆରମ୍ଭ କରି ପରିମଳ ପର୍ଯ୍ୟନ୍ତ ସମସ୍ତ ସୁବିଧା ଲୋକଙ୍କୁ ୱାର୍ଡ଼ ଅଫିସରେ ଯୋଗାଇଦେବେ। ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ଅଧିକାରୀ ଓ ସ୍ଥାନୀୟ କର୍ପୋରେଟରଙ୍କୁ ଯୋଗାଯୋଗ କରି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ୱାର୍ଡ଼ ଅଫିସରଙ୍କ କାମ ରହିବ। ଫଳରେ ଛୋଟଛୋଟ କାର୍ଯ୍ୟ ପାଇଁ ଆଉ ଲୋକଙ୍କୁ ବିଏମ୍‌ସି ଅଫିସ୍ ଦୌଡ଼ିବାକୁ ପଡ଼ିବନି। ବୃହତ୍ତର ସ୍ୱାର୍ଥ ସାଧନ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଯୋଜନା ଠିକଣା ସମୟରେ ସରିନାହିଁ। ଏ ବାବଦରେ ବିଏମ୍‌ସି କମିଶନରଙ୍କୁ ଯୋଗାଯୋଗ କରିଥିଲେ ବି ପ୍ରତିକ୍ରିୟା ମିଳିପାରିନି।

ରମ୍ଭା ଅଞ୍ଚଳରେ ଦଳୀୟ ନିର୍ବାଚନ ପ୍ରଚାର ଜମୁନି

ରମ୍ଭା, ନ୍ୟୁଜ୍‌ବ୍ୟୁରୋ

ସାଧାରଣ ନିର୍ବାଚନ-୨୦୨୪ ଘୋଷଣା ହେବା ପର ଠାରୁ ବିଭିନ୍ନ ଦଳରେ ଭିନ୍ନ ଭିନ୍ନ ନେତା ଦଳ ବଦଳ କରୁଥିବା ଦେଖିବାକୁ ମିଳୁଛି। କ୍ଷମତା ଲୋଭ ହେଉ କିମ୍ବା ପଦପଦବୀ ପାଇଁ ନିଜର ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ଅନ୍ୟ ଦଳକୁ ଲମ୍ଫ ଦେଇଛନ୍ତି। ଯେଉଁ ନେତାମାନେ ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ଏକ ଦଳରେ ରହି ପ୍ରତିପକ୍ଷ ଦଳକୁ ବିରୋଧ, ସମାଲୋଚନା, ଗାଳି କରୁଥିଲେ ସେମାନେ ଏବେ ତାଙ୍କ ପ୍ରଶଂସାରେ ଶତମୁଖ ହୋଇପଡୁଛନ୍ତି। ସେତିକି ନୁହେଁ ନୂଆଁ ଦଳରେ ଯୋଗ ଦେବା କ୍ଷଣି ଦଳର ନୀତି ଆଦର୍ଶକୁ ନିଜର ନୀତି ଆଦର୍ଶ ବୋଲି କହିବା ସହିତ ଅଲାଯୁକ ପଣେ ଦଳର ବୋଲି ନିଜକୁ ସାବ୍ୟସ୍ତ କରୁଛନ୍ତି। ଏଥି ସହିତ ପୁରୁଣା ଦଳର ମୁଖ୍ୟଙ୍କୁ ତତ୍କାଳ ଗାଳି କରିବା ଆରମ୍ଭ କରିଦେଉଛନ୍ତି। ଏସବୁ ଦେଖି ବୁଦ୍ଧିଜୀବୀ, ଶିକ୍ଷାବିତ୍ ଠାରୁ ଆରମ୍ଭ କରି ସାଧାରଣ ଜନତା ହତବାକ୍ ହୋଇପଡ଼ିଲେଣି। କର୍ମୀମାନେ ଇଚ୍ଛା ନ ଥିଲେ ବି ବାଧ୍ୟ ହୋଇ ଦଳ ବଦଳକାରୀ ନେତାଙ୍କ ପଛେ ପଛେ ଯାଉଛନ୍ତି। ଦଳ ବଦଳ କରିବାର ଏକ ମାତ୍ର ଲକ୍ଷ୍ୟ ହେଲା ଯେ କୌଣସି ମତେ ବିଧାୟକ, ସାଂସଦ ହେବା କିମ୍ବା କ୍ଷମତାକୁ ଜାବୁଡ଼ି ଧରିବା ବୋଲି କୁହାକୁହି ହେଉଛନ୍ତି। ସେ ଯାହା ହେଉ ନା କାହିଁକି ଚଳିତ ନିର୍ବାଚନ ପ୍ରାର୍ଥୀ ଚୟନ ଠାରୁ ଆରମ୍ଭ କରି ପ୍ରାର୍ଥୀ ପତ୍ର ଦାଖଲ ନିଧାର୍ଯ୍ୟ ତାରିଖ ସରିଯାଇଛି। କିନ୍ତୁ ରମ୍ଭା ଅଞ୍ଚଳରେ ଚଳିତ ସାଧାରଣ ନିର୍ବାଚନରେ ଆସନ୍ତା ମାସ ୧୩ ତାରିଖରେ ମତଦାନ ସାବ୍ୟସ୍ତ କରିବା ଗାଇଡ଼ ଲାଇନ ରହିଥିଲେ ମଧ୍ୟ ଏଯାବତ୍ କର୍ମୀ ଠାରୁ ନେତାଙ୍କ ପର୍ଯ୍ୟନ୍ତ ପ୍ରଚାର ପ୍ରସାରର କୌଣସି ଦଳ ନ ଥିବା ସତେ ଯେପରି ରମ୍ଭା ଭୋଟର ବାସିନ୍ଦା ବଞ୍ଚିତ ହେଉଛନ୍ତି ବୋଲି ସାଧାରଣ ଚର୍ଚ୍ଚା ଚାଲିଛି। ଅନ୍ତିମ ପର୍ଯ୍ୟାୟର କିଛି ଦିନ ପୂର୍ବରୁ ଗାଁ ଠାରୁ ଆରମ୍ଭ କରି ସାହରାଞ୍ଚଳ ପର୍ଯ୍ୟନ୍ତ ସବୁ ଦଳର ନେତା ଓ ନେତୃବୃନ୍ଦ ନିଜ ଲକ୍ଷ୍ୟ ହାସଲ କରିବା ଓ ଭୋଟର ସଚେତନ ରହି ଠିକଣା ଜାଗାରେ ମତଦାନ ସାବ୍ୟସ୍ତ କରି ନିଜର ଔକାତ ଦେଖାଇ ଜବାବ ଦେବେ ବୋଲି ଚର୍ଚ୍ଚା ଚାଲିଛି। ରମ୍ଭା ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଅଧିକାର କରି ରହିଥିଲେ ମଧ୍ୟ ଦଳୀୟ ନେତା, କର୍ମୀ ଏହାକୁ ହାଲୁକା ଭାବେ ଗ୍ରହଣ ନ କରି ଯେପରି ହେବ ସେପରି ଧରିନେବାକୁ ଭୋଟର ଦୃଢ଼କ୍ତି ପ୍ରକାଶ କରିଛନ୍ତି।

ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଓ ବିଜେପିର ମିଶ୍ରଣ ପର୍ବ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତର ନହନି ପଡ଼ା ଠାରେ ଜଗତସିଂହ ପୁର ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ବିଜେପି ର ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କୁ ବିପୁଳ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାକାର୍ଯ୍ୟ ନାଉଗାଁ ବିଜେପି ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ମାନିତ ଅତିଥିଭାବେ କୈଳାସ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ମଲ୍ଲିକ, ଲୋକନାଥ ବାରିକ, ସୁଶାନ୍ତ କୁମାର ମହାନ୍ତି, ଲୋଚନ କୁମାର ସେଠୀ, ଦେବାଶିଷ ରାୟ, ଅନନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ଏହା ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଦଳ ପରିତ୍ୟାଗ କରି ବିଜୟ ମଲ୍ଲିକ, ଦିଲ୍ଲୀପ ଭୋଇ, ସମ ଭୋଇ, ଆଶିଷ ଦାସ, ଭାସ୍କର ମଲ୍ଲିକ, କୁନା ଭୋଇ, ପ୍ରଦୀପ ଭୋଇ, ତୋଫାନୀ ଦାସ, ମଣ୍ଟୁ ଭୋଇ, ନାରଣ ସେଠୀ, ଚନ୍ଦନ ଦାସ, ସୁମିତ୍ରା ମହାନ୍ତି, ରୀନା ମଲ୍ଲିକ, କବିତା ସେଠି ପ୍ରମୁଖ ବିଜେପି ରେ ସାମିଲ ହୋଇଥିଲେ। ଏମାନଙ୍କୁ ଅମରେନ୍ଦ୍ର ଦାସ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ଅଲଣା ପଞ୍ଚାୟତର ନୂଆପାଟଣା ଗ୍ରାମ ବୁଲି ଶ୍ରୀ ଦାସ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ।

ଟିଏସ୍‌ଏଫ୍ ତରଫରୁ ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଅନ୍ତର୍ଗତ ଗୁଆଲି ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କ କ୍ୟାରିୟରରେ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ତରଫରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। ଏନଆଇଆଇଟି ଗୁଆଲି ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଆଲି, ଲୋଇଡାପଡା ଏବଂ ମାଲଦା ପଞ୍ଚାୟତର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ୪୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବୃତ୍ତିଗତ ବିଭାଗରୁ ଆସିଥିବା ବରିଷ୍ଠ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ସିଏନ୍‌ସି ପ୍ରଶିକ୍ଷକ ରଶ୍ମି ରଞ୍ଜନ ରାଉତ, ଆଇଟିଆଇ ବାଂଶପାଳ ଇଲେକ୍ଟ୍ରିକାଲ୍ ଟ୍ରେଡ଼ ପ୍ରଶିକ୍ଷକ ରାକେଶ ସାହୁ, କୋଇଡ଼ା ସରକାରୀ ଆଇଟିଆଇ ପ୍ଲେସମେଣ୍ଟ ଅଫିସର ମଣିରମାଳା ଗୋରୋଡା, ଏବଂ କୋଇରା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଏହି ସୁଯୋଗର ସଦୁପଯୋଗ ଓ ଦକ୍ଷତା ବିକାଶ ମାଧ୍ୟମରେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମଟି ବ୍ୟକ୍ତିବିଶେଷଙ୍କୁ କ୍ୟାରିୟର ଅଗ୍ରଗତି ପାଇଁ ଆବଶ୍ୟକ କୌଶଳ ପାଇଁ ପରିକଳ୍ପିତ ପାଠ୍ୟକ୍ରମର ଉନ୍ମୋଚନ କରିଥିଲା। ଉଭୟ ଦୀର୍ଘ ଏବଂ ଅଳ୍ପ ସମୟରେ ଉପଲବ୍ଧ ଏହି ପାଠ୍ୟକ୍ରମ ଗୁଡ଼ିକ ବିଭିନ୍ନ ସ୍ୱାର୍ଥକୁ ପୂରଣ କରି ବାଣିଜ୍ୟ ଓ ଶିଳ୍ପର ଚାହିଦା ପୂରଣ କରିଥାଏ। ଦୀର୍ଘକାଳୀନ ପାଠ୍ୟକ୍ରମରେ ମେକାନିକ୍ ମାଇନିଙ୍ଗ ମେସିନରୀ, ପଥର ପ୍ରକ୍ରିୟାକରଣ ଯନ୍ତ୍ର ପରିଚାଳକ, ପଥର ଖଣି ଯନ୍ତ୍ର ପରିଚାଳକ, କମ୍ପ୍ୟୁଟର ପରିଚାଳକ ଏବଂ ପ୍ରୋଗ୍ରାମିଂ ସହାୟତା ଅନ୍ତର୍ଭୁକ୍ତ । ସେହିଭଳି ସ୍ୱଳ୍ପ ମିଆଦି ପାଠ୍ୟକ୍ରମରେ ମାଇନ୍ ଇଲେକ୍ଟ୍ରିସିଆନ୍, ଡମ୍ପର/ଟିପ୍ପର ପରିଚାଳକ, ଲୋଡର୍ ପରିଚାଳକ, ମାଇନିଂ ପରିଚାଳକ ଅନ୍ତର୍ଭୁକ୍ତ ଓ ଏହି କାର୍ଯ୍ୟକ୍ରମରେ କ୍ୟାରିୟରର ବିକାଶକୁ ଏକ ଆଜୀବନ ଯାତ୍ରା ଭାବରେ ପରିଗଣିତ କରିବାପାଇଁ ଉତ୍ସାହିତ କରାଯିବା ସହ କ୍ୟାରିୟର କାଉନସେଲିଂର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା।

ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ଯୁବ ପ୍ରତିଭାଙ୍କୁ ଆର୍ଥିକ ପୋଷଣ ସହାୟତା

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଭିନ୍ନକ୍ଷମଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁର୍ନବାସ ପକ୍ଷରୁ ଭିନ୍ନକ୍ଷମ ଯୁବ ପ୍ରତିଭାଙ୍କୁ ଆର୍ଥିକ ପୋଷଣ ସହାୟତା ପ୍ରଦାନ କରାଯାଇଛି। କୂଳ ବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମାଧପୁର ସ୍ଥିତ ପୁନର୍ବାସ କାର୍ଯ୍ୟାଳୟ ପରି ସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରୁଥିବା ମହା-କାଳପଡ଼ାର ମେଧାବୀ ଛାତ୍ର ବରଜ କୁମାର ଦାସ ଓ ଆଳିର ଜାତୀୟ ପାରାସନ୍ତରଣକାରୀ ମୋନାଲୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଓ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ତଥା ପ୍ରଖ୍ୟାତ କଥାକାର ଡଃ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ମୁଁ ପାରିବି' ସଂକଳ୍ପ ଉତ୍‌ଥାପନ କରିଥିଲେ । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡଃ ବିରଜା ରାଉତରାୟ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥି, ଆନ୍ତର୍ଜାତୀୟ ପାରା କ୍ରୀଡାବିତ୍ ପ୍ରଫୁଲ୍ଲ ଖଣ୍ଡାୟତରାୟ, ପ୍ରାଧ୍ୟାପକ ତପନ କୁମାର ପତି, ଅଧ୍ୟକ୍ଷ ଜ୍ଞାନ ରନ ନାୟକ, ଜିଲ୍ଲା ଆଥଲେଟିକ୍ ସଂଘର ସଂପାଦକ ଜ୍ୟୋତିମୟ ଦାସ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କ ସାମର୍ଥ୍ୟର ବିକାଶ ପାଇଁ କାର୍ଯ୍ୟ କରୁଥିବା ପୁନର୍ବାସକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱପ୍ନାଂଶୁ କୁମାର ଦାସ, ତିରୁପତି ରେଡ୍ଡୀ, ବଂଶୀଧର ମହାନ୍ତି, ଅମରିନ ସାହାଦତ, ସଂଜିବ ଜେନା, ରଚିତା ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଭାସ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିଘଟନକାରୀ ବୈଷୟିକ ଜ୍ଞାନକୌଶଳକୁ ସାମ୍ନା କରି ନିଜକୁ ଖାପ ଖୁଆଇବା ଆବଶ୍ୟକ : ଏଆଇସିଟିଇ ଅଧ୍ୟକ୍ଷ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଆରଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ଭଳି ବିଘଟନକାରୀ ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ଆବିର୍ଭାବ ଫଳରେ ମଣିଷ ମନରେ ଉଭୟ ଆଶା ଓ ଭୟ ସଞ୍ଚାର ହୋଇଥିବା ବେଳେ ଭବିଷ୍ୟତର କାର୍ଯ୍ୟଧାରାରେ ଏଭଳି ନୂଆ ଆହ୍ୱାନ ଗୁଡ଼ିକୁ ଆପଣାଇ ନେବାର ଆବଶ୍ୟକତା ରହିଛି ବୋଲି ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ)ର ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଟି.ଜି. ସୀତାରାମ କହିଛନ୍ତି।

ନୂତନ ବୈଷୟିକ ଜ୍ଞାନକୌଶଳର ଅଭ୍ୟୁଦୟ ହେଲେ ଏହାର ସାମ୍ନା କରିବା ସମୟରେ ମଣିଷ ମନରେ କିଛିଟା ଭୟ ସଞ୍ଚାର ହୋଇଥାଏ। କିନ୍ତୁ କାଳକ୍ରମେ ସମସ୍ତେ ଏହାକୁ ଆପଣାଇବା ମଧ୍ୟ ଶିଖି ଯାଇଥାନ୍ତି। ଠିକ୍ ସେହିପରି ଏଆଇ ଜନିତ ଆହ୍ୱାନର ମଧ୍ୟ ଆମେ ସମ୍ମୁଖୀନ ହେବା ଉଚିତ୍ ବୋଲି ଶିକ୍ଷା ଓ ଅନୁସନ୍ଧା

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୫ ମଇ ୨୦୨୪ ରବିବାର



ନାମାଙ୍କନପତ୍ର ଦାଖଲ କଲେ ଚୌଦ୍ୱାର-କଟକ ବିଜେଡି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର-କଟକ ବିଜୁ ଜନତା ଦଳ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ପିତା ଡଃ ପ୍ରଭାତ ରଂଜନ ବିଶ୍ୱାଳ ମାତା ଲକ୍ଷ୍ମୀ ବିଳାଶିନୀ ବିଶ୍ୱାଳଙ୍କ ଆଶୀର୍ବାଦ ନେଇ ଶୁକ୍ରବାର ଦିନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଚୌଦ୍ୱାର କପାଳେଶ୍ୱର ସ୍ଥିତ ସକାଳ ୮ ଘଟିକା ସମୟରେ ସୌଭିକ୍ ବିଶ୍ୱାଳ ଓ ପତ୍ନୀ ଅନନ୍ୟା ପ୍ରୀୟଦର୍ଶନୀ କପାଳେଶ୍ୱର ମନ୍ଦିରରେ ପହଞ୍ଚି ପ୍ରଭୁ ଶ୍ରୀ ମହାଦେବଙ୍କୁ ପୂଜାର୍ଚ୍ଚନା କରି ହଜାର ହଜାର ଦଳୀୟ କର୍ମକର୍ତ୍ତା ଓ ସମର୍ଥକଙ୍କ ସହ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ଛକ, ବିରୁପା ଛକ, ଜଗତପୁର ଛକ, ଯୋତ୍ରା ଆଇ ଲଭ ୟୁ ଛକ, ବମ୍ବେ ହୋଟେଲ ଛକ, କଲେଜ ଛକ, ରାଣୀହାଟ ଛକ, ବି.କେ ରୋଡ, ବାଦାମବାଡି, ପୁରୀଘାଟ ଛକ ପହଞ୍ଚିଥିଲେ । ସେଠାରୁ ପୁଣି ପଦଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାରିସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ମାହାନଗର ନିଗମ ଡେପୁଟୀ ମେୟର

– ଦମୟନ୍ତୀ ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ- ଆରତ ରଂଜନ ବିଶ୍ୱାଳ, ଚୌଦ୍ୱାର ପୌରପାଳିକାର ନଗରପାଳ- ମାନସି ସର୍ଣ୍ଣପ୍ରଭା ସାମଲ, ଉପନଗର ପାଳ- ଶୁଭେନ୍ଦୁ ସାମଲ, ଚୌଦ୍ୱାର ପୌରପାଳିକାର ପୂର୍ବତନ ନଗରପାଳ- ପ୍ରେମଚାନ୍ଦ ନାୟକ, ରାଜ୍ୟ ପାରିଷଦ ସଦସ୍ୟ ତଥା ୪୪ ନଂ ୱାର୍ଡ କର୍ପୋରେଟର – ପ୍ରଦୀପ୍ତ କିଶୋର ଖୁଟିଆ, ନଗର କମିଟିର କାର୍ଯ୍ୟକାରୀ ସଭାପତି ତଥା ୪୭ ନଂ ୱାର୍ଡ କର୍ପୋରେଟର - ଇଂ ସୁବ୍ରତ ଘଡାଇ, ଚୌଦ୍ୱାର ନଗର ସଭାପତି- ବିଷ୍ଣୁ ଚରଣ ପରିଡା, ଜିଲ୍ଲା କମିଟିର ଦେବେନ୍ଦ୍ର ଖୁଟିଆ, ପ୍ରଶାନ୍ତ ନାୟକ, ଜିଲ୍ଲା ଯୁବ ସଭାପତି- ସ୍ମୃତି ରଂଜନ ନାୟକ, ରାଜ୍ୟ ଯୁବ ଯୁଗ୍ମ ସମ୍ପାଦକ- ଅର୍ଜୁନ ପଣ୍ଡା, ଚୌଦ୍ୱାର-କଟକ ଯୁବ ସଭାପତି- ଅଶୋକ ମିଶ୍ର, ମହିଳା ସଭାନେତ୍ରୀ- ସୌଭାଗିନୀ ଜେନା, ଛାତ୍ର ସଭାପତି- ଅଚ୍ୟୁତାନନ୍ଦ ଘୋଷ, ଚୌନଗର ଯୁବ ସଭାପତି- ଶାରଦା ରଂଜନ ପରିଜା, ଛାତ୍ର ସଭାପତି– ଭରତଚନ୍ଦ୍ର ସାହୁଙ୍କ ସହ ଚୌଦ୍ୱାର-କଟକ ବିଜୁ ଜନତା ଦଳର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ୱାର୍ଡସଭାପତି ଓ ଯୁବ, ଛାତ୍ର, ମହିଳା ସଂଗଠନର ହଜାର ହଜାର କର୍ମକର୍ତ୍ତା ଉପସ୍ଥିତ ଥିବା ସହ ମୋଟ ୨୦ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ ।

ମତଦାନ ହାର ବୃଦ୍ଧି ପାଇଁ ପ୍ରଶାସନର ଅଭିନବ ପ୍ରୟାସ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଅନ୍ତର୍ଗତ ୩ଟି ବିଧାନସଭା ଆସନ ସହ କୋରାପୁଟ ଲୋକସଭା ଆସନରେ ମତଦାନ ହାର ଶତ କିପରି ପ୍ରତିଶତ ହେବ ସେ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଜିଲ୍ଲାରେ ମତଦାନ ହାର ବଢାଇବା ପାଇଁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ନିହାର ରଂଜନ କହଁର, ଉପ-ଜିଲ୍ଲାପାଳ ସଂଘମିତ୍ରା ଦେବୀ, ନିର୍ବାଚନ ଅଧିକାରୀ ସୂର୍ଯ୍ୟମଣି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ମଇ ୧୩ ତାରିଖ ଦିନ ରାୟଗଡ ଜିଲ୍ଲା ଅନ୍ତର୍ଗତ ରାୟଗଡ, ବିଷମକଟକ ଓ ଗୁଣପୁର ବିଧାନସଭା ଆସନ ସହ ଅବିଭକ୍ତ କୋରାପୁଟ ଲୋକସଭା ଆସନ ପାଇଁ ମତଦାନ ହେବ । ଜିଲ୍ଲାରେ ମତଦାନ ହାର ବଢାଇବା ପାଇଁ ଏଥି ପୂର୍ବରୁ ପ୍ରଶାସନ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିଶେଷ କରି ଯୁବ ଭୋଟରଙ୍କୁ ମତଦାନ ନିମନ୍ତେ ଉତ୍ସାହିତ କରିବା ପାଇଁ ପ୍ରଶାସନ ତରଫରୁ ଜିଲ୍ଲାରେ ଥିବା ପ୍ରାୟ ସମସ୍ତ କଲେଜ ଗୁଡିକରେ ପ୍ରତିଯୋଗିତାର ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ଭୋଟ୍‌ଦାନ ସମ୍ପର୍କରେ ସଚେତନତା କରାଯାଇଥିଲା । ଚଳିତ ୨୦୨୪ ନିର୍ବାଚନ ମତଦାନ ନିମନ୍ତେ ପ୍ରଶାସନ ଯୁବ ଭୋଟକଙ୍କୁ ଫୋକସରେ ରଖିଛି । ପ୍ରଥମ ଥର କରି ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିଥିବା ଭୋଟରଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଇବ । ଏଥି ନିମନ୍ତେ ପ୍ରାୟ ୨୦ ହଜାର ନିମନ୍ତ୍ରଣ ପତ୍ର ଜିଲ୍ଲାର ୩ଟି ନିର୍ବାଚନ ମଣ୍ଡଳୀର ଯୁବ ଭୋଟରଙ୍କ ପାଖକୁ ପଠାଇ ସୋମାନଙ୍କୁ ଭୋଟଦାନ କରିବା ନିମନ୍ତେ ଉତ୍ସାହିତ କରିବ ପ୍ରଶାସନ । ଏଠାର ସୂଚନାଯୋଗ୍ୟ ଯେ ୨୦୨୪ ନିର୍ବାଚନରେ ରାୟଗଡ, ବିଷମକଟକ ଓ ଗୁଣପୁରର ୭ ଲକ୍ଷ ୧୩ ହଜାର ୧୫୩ ଭୋଟର ନିଜ ନିଜର ମତଦାନ ସବ୍ୟସ୍ତ କରିବେ । ସେଥିମଧ୍ୟରୁ ୩ ଲକ୍ଷ ୩୫ ହଜାର ୯୭୭ ଜଣ ପୁରୁଷ ଭୋଟର, ୩ ଲକ୍ଷ ୭୬ ହଜାର ୯୮୮ ମହିଳା ଭୋଟର ଏବଂ କିନ୍ନର ଭୋଟରଙ୍କ ସଂଖ୍ୟା ଜିଲ୍ଲାରେ ୧୮୮ ରହିଛି । ଚଳିତ ନିର୍ବାଚନରେ ଜିଲ୍ଲାରେ ୨୦ ହଜାର ୦୯୧ ଜଣ ନୂତନ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ଜିଲ୍ଲାରେ ମୋଟ ୮୮୩ଟି ବୁଥ୍ କରାଯାଇଥିବା ବେଳେ ରାୟଗଡରେ ୩୦୧, ବିଷମକଟକରେ ୨୯୩ ଏବଂ ଗୁଣପୁରରେ ୨୮୯ ବୁଥ୍ କରାଯାଇଛି ।

ଖୁଣ୍ଟା ବ୍ଲକ ବିଜେଡ଼ିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟା ବ୍ଲକର ବାସିପିଠା ଠାରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ସମାବେଶ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଓ ମୟୁରଭଞ୍ଜ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ଓ ଭାରତୀୟ ଜନତା ପାର୍ଟିର ପଦାଧିକାରୀ ଓ ବହୁ କର୍ମୀମାନେ ବିଜୁ ଜନତା ଦଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଓ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଓ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିଲେ । ଉକ୍ତ ସମାବେଶରେ ଖୁଣ୍ଟା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୂର୍ବତନ ଅଧ୍ୟକ୍ଷ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ୱାର୍ଡ ମେୟର, ବିଜୁ ଛାତ୍ର ଓ ଯୁବ ଜନତା ଦଳ ଏବଂ ବରିଷ୍ଠ, କନିଷ୍ଠ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କ ସହ ଶହ ଶହ ଜନସାଧାରଣ, ମା' ଓ ମାଉସୀ ମାନେ ଯୋଗଦାନ କରିଥିଲେ ।

ଓଡ଼ିଶା ଉପକୂଳ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ହ୍ରାସ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଉତ୍ତର ପଶ୍ଚିମ ଦିଗରୁ ହେଉଥିବା ବାୟୁ ପ୍ରବାହରେ ପରିବର୍ତ୍ତନ ଯୋଗୁଁ ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ଉତ୍ତାପ ହ୍ରାସ ପାଇଛି । ଏଥିପାଇଁ ମେ ୧୨ ତାରିଖ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା କମ୍ ରହିଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ମେ ୬ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ସେଣ୍ଟର୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ କ୍ଲାଇମେଟ୍ (ସିଇସି) ପକ୍ଷରୁ କୁହାଯାଇଛି । ଏହି ସମୟରେ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡିକରେ ଦିନର ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲ୍‌ସିୟସ୍ ରହିବା ସମ୍ଭାବନା ଥିବାବେଳେ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୮ରୁ ୪୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ସିଇସିର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି । ଆଭ୍ୟନ୍ତରୀଣ ଓଡ଼ିଶାରେ ମେ ୭ରୁ ୧୨ ମଧ୍ୟରେ ଦିନର ତାପମାତ୍ରା ୩୬ ରୁ ୪୦ ଡିଗ୍ରୀ ସେଲ୍‌ସିୟସ୍ ରହିବ । ଉପକୂଳ ଓଡ଼ିଶାରେ ଏହି ସମୟରେ ଦିନର ତାପମାତ୍ରା ୩୫ ରୁ ୩୯ ଡିଗ୍ରୀ ସେଲ୍‌ସିୟସ୍ ରହିବାର ସମ୍ଭାବନା ଅଛି ଏବଂ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ମେ ୬ ରୁ ୧୦ ମଧ୍ୟରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି ବୋଲି ଡ. ସାହୁ କହିଛନ୍ତି ।

ପୂର୍ବତନ ବିଧାୟକ ବିନୋଦ ପାତ୍ରଙ୍କ କଂଗ୍ରେସରୁ ଇସ୍ତଫା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ସୋନପୁର ବିଧାନସଭା କ୍ଷେତ୍ରର ବିଧାୟକ ଥିବା ବିନୋଦ ପାତ୍ର କଂଗ୍ରେସ୍ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ସହ ପୂର୍ବତନ ଉଲୁଣ୍ଡା ବ୍ଲକ୍ ସଭାପତି ନୃସିଂହ ଚରଣ ପଣ୍ଡା, କଂଗ୍ରେସ୍ ବୀରମହାରାଜପୁର ବିଧାନସଭା କ୍ଷେତ୍ର ପର୍ଯ୍ୟବେକ୍ଷକ ରାଜେଶ୍ କୁମାର ମିଶ୍ର (ରାଜା), ଲଛମନ ସୁନା ସୋନପୁର ବ୍ଲକ୍ ସଭାପତି, ତୁଙ୍ଗୁରି ପାଲି ବ୍ଲକ୍ ସମ୍ପାଦକ ଲକ୍ଷ୍ମଣ ନାଗ, ଉଲୁଣ୍ଡା ବ୍ଲକ୍ ୨ ନମ୍ବର ଜୋନ୍ ସଭାପତି ଦୟାନିଧି ସାହୁ, ଓବିସି ସେଲ୍ ଜିଲ୍ଲା ସଭାପତି ଲକ୍ଷ୍ମଣ ପଡିଆ ମଧ୍ୟ ଇସ୍ତଫା ଦେଇ ସ୍ଥାନୀୟ କସ୍ତୁରୀ ଲଜ୍‌ରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି । ସେ ଦୀର୍ଘ ୪୦ ବର୍ଷ ଧରି କଂଗ୍ରେସରେ ଶୃଙ୍ଖଳିତ କର୍ମୀ ଭାବରେ ସେବା କରି ଆସିଥିଲେ ମଧ୍ୟ ଦଳ ତାଙ୍କ ପ୍ରତି ଅବହେଳା କରିଥିବା କହି ସମସ୍ତ କର୍ମୀ ଇସ୍ତଫା ଦେଇଥିବା ଗଣ ମାଧ୍ୟମ ସମ୍ମୁଖରେ ବାର୍ତ୍ତା ରଖିଥିଲେ । ଶ୍ରୀ ବିନୋଦ ପାତ୍ର ବୀରମହାରାଜପୁର ବିଧାନସଭା ପ୍ରାର୍ଥୀ ଦାବିଦାର ଥିଲେ ଓ ପ୍ରାର୍ଥୀଙ୍କ ନାମ ଘୋଷଣା ପୂର୍ବରୁ ଏକ ପେନ୍ ଡ୍ରାଇଭ ଦଳ ତରଫରୁ ଦିଆଯାଇଥିଲା ଓ ତାଙ୍କୁ ମଧ୍ୟ ଦିଆହୋଇଛି । ମାତ୍ର ନାମ ଘୋଷଣା ହେଲାନି ତେଣୁ ତାଙ୍କ ପ୍ରତି ଦଳ ଅବହେଳା କରିଥିବା ପ୍ରକାଶ କରି କଂଗ୍ରେସ୍ ଦଳରୁ ଇସ୍ତଫା ଦେଇଛନ୍ତି ।

ବସ୍ତାରେ ବିଜେପିର ଜନ ସଭା ଓ ମିଶ୍ରଣ ପର୍ବ

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ନିର୍ବାଚନ ମଣ୍ଡଳୀର ଇଡ଼ଦା ପଞ୍ଚାୟତରେ ଶତାଧିକ ସ୍ଥାନୀୟ ନେତା ଓ କର୍ମୀ ବିଜେଡ଼ି-କଂଗ୍ରେସ ଛାଡ଼ି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି । ସେମାନେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଦକ୍ଷତା ଓ ଜନକଲ୍ୟାଣକାରୀ ଯୋଜନା ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗଦାନ କରିଛନ୍ତି ବୋଲି କହିଛନ୍ତି । ନବାଗତ କର୍ମୀଙ୍କୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ପୂର୍ବତନ ସରପଞ୍ଚ ହରଗୋପାଳ ସିଂହଙ୍କ ନେତୃତ୍ୱରେ ପୂର୍ବତନ ସମିତି ସଭ୍ୟା କମଳା ମଣି ମହାନ୍ତି, ପୂର୍ବତନ ସରପଞ୍ଚ ମୁକ୍ତି ରାଣୀ ସିଂହ ଓ ଦମୟନ୍ତୀ ଦାସ, ଘନଶ୍ୟାମ ପାତ୍ର, ସତ୍ୟନାରାୟଣ ଦାସ, ବିଜେଡି ପୂର୍ବତନ ସଭାପତି ପ୍ରଶାନ୍ତ ମହାନ୍ତି, କୈବଲ୍ୟ ମହାନ୍ତି, ମନୋରଞ୍ଜନ ପାଲ, ପ୍ରହ୍ଲାଦ ନାଥ, ଭବାନୀ ଦାସ, ଶଶୀକାନ୍ତ ଦାସ, ବ୍ରହ୍ମାନଣ୍ଡସ ମାଇକପ ପ୍ରମୁଖଙ୍କ ସହିତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ମିଶିଥିଲେ । ସଭାକାର୍ଯ୍ୟରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଦୀପ ପଣ୍ଡା, ସଂଜୀବ ପାଢ଼ୀ, ନବକୃଷ୍ଣ ଦାସ, ବିମଲ ସାହୁ, ରାଧାବଲ୍ଲଭ ମଣ୍ଡଳ, ମାଳତୀ ନାୟକ, କୃଷ୍ଣ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍ତମ ମଣିଷ ହେବା ପାଇଁ ଅନାଥ ପିଲାମାନଙ୍କୁ ମାର୍ଗଦର୍ଶନ ପ୍ରଦାନ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝରର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସେହେସ ଟ୍ରଷ୍ଟ ଅଫ ଇଣ୍ଡିଆ ତାର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ କରିଛି । ଏହି ପ୍ରଥମ ବାର୍ଷିକ ଉତ୍ସବକୁ ନରଣପୁର ସ୍ଥିତ ଆଦୃତ ଚିଲ୍‌ଡ୍ରେନ୍ସ ହୋମ୍ ପରିସରରେ ସେହେସ ଟ୍ରଷ୍ଟ ଇଣ୍ଡିଆର ସଭାପତି ସମାଜସେବୀ ସବିତା ମିଶ୍ର, ସମ୍ପାଦକ ପ୍ରଫେସର ବନବିହାରି ମିଶ୍ର ମୁଖ୍ୟ ଟ୍ରଷ୍ଟି ସତ୍ୟଜିତ ସାମନ୍ତରାୟ ପ୍ରମୁଖ ଅନ୍ତେବାସୀ ପିଲାଙ୍କ ଗହଣରେ ପାଳନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାଧାକୃଷ୍ଣ ରାଉତ, ହେମନ୍ତ କୁମାର

ନନ୍ଦ, ରାଧାରାଣୀ ରାଉତ, ବନ୍ଦିତା ନନ୍ଦ ପ୍ରମୁଖ ପିଲାମାନଙ୍କୁ ଜୀବନରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ଆବଶ୍ୟକ ମାର୍ଗଦର୍ଶନ କରାଇଥିଲେ । ଏହି ଅବସରରେ ପିଲାଙ୍କୁ ପରିବେଶ ସୁରକ୍ଷା, ପଶୁ ପକ୍ଷୀ ସୁରକ୍ଷା ସହ ବିଭିନ୍ନ ଶିକ୍ଷଣୀୟ ଦିଗ ଉପରେ ଆଲୋକପାତ କରିଥିଲେ । ସେହେସ ଟ୍ରଷ୍ଟ ଅଫ୍ ଇଣ୍ଡିଆର ସମସ୍ତ ଟ୍ରଷ୍ଟି ସଦସ୍ୟ, ସଦସ୍ୟା ପ୍ରମୁଖ ଅନ୍ତେବାସୀ ମାନଙ୍କ ସହ ମିଶି ରାତ୍ରି ଭୋଜନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ସେହେସ ଟ୍ରଷ୍ଟ ଅଫ ଇଣ୍ଡିଆ କେନ୍ଦୁଝରରେ ପରିବେଶ ସୁରକ୍ଷା, ଭୂତଳ ଜଳ ସଞ୍ଚୟ, ଭୂତତ୍ୱବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଶିକ୍ଷଣୀୟ ଜର୍ଣ୍ଣାଲ ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଛି । ଏହା ସହିତ ବିଜ୍ଞାନ ଓ ପରିବେଶ ପାଇଁ ବିଶେଷ ଅବଦାନ ପ୍ରଦାନ କରୁଥିବା ବୈଜ୍ଞାନିକଙ୍କୁ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରି ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ପରିବେଶ ସୁରକ୍ଷା ଓ ବିଶ୍ୱତାପନ ଉପରେ ଏହି ଟ୍ରଷ୍ଟ କାର୍ଯ୍ୟ କରି ଅନେକ ସ୍ତରରେ ପ୍ରଶଂସିତ ହୋଇଛି । ଆଗାମୀ ଦିନରେ ସେହେସ ଟ୍ରଷ୍ଟ ଅଫ ଇଣ୍ଡିଆ କେନ୍ଦୁଝର ଜିଲ୍ଲାରେ ପରିବେଶ, ସ୍ୱାସ୍ଥ୍ୟ, ମୃତ୍ତିକା ସଂରକ୍ଷଣ ଉପରେ ସଚେତନତା ବିଶେଷ କାର୍ଯ୍ୟ କରିବାର ଯୋଜନା ରଖିଛି ବୋଲି ଟ୍ରଷ୍ଟର ସମ୍ପାଦକ ପ୍ରଫେସର ବନବିହାରୀ ମିଶ୍ର କହିଛନ୍ତି ।

ଧର୍ମଶାଳା ପ୍ରେସ୍‌କ୍ଲବରେ ଶ୍ରମିକ ଦିବସ ପାଳିତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ପ୍ରେସ୍‌କ୍ଲବ ଆନୁକୁଲ୍ୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ପ୍ରେସ୍‌କ୍ଲବ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସଭାପତି ରମାକାନ୍ତ ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଶ୍ରମିକ ନେତା ମାନସ ଜେନା ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା କଥା ଚିନ୍ତା କରିବା ସମୟ ଆସିଛି । ପ୍ରେସ୍‌କ୍ଲବର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଶ୍ରମିକ ଦିବସ ଉପରେ କହିଥିଲେ । ଶ୍ରମିକ ଦିବସରେ ଶ୍ରମିକ ଅନନ୍ତ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ ।

ନାଗପାଟଣା ଗ୍ରାମରେ ପାନୀୟ ଜଳ ଅଭାବ:ମହିଳାଙ୍କ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଳପଡା ପଞ୍ଚାୟତର ନାଗପାଟଣା ଗ୍ରାମରେ ପାନୀୟ ଜଳ ଅଭାବ ହେତୁ ଗ୍ରାମର ଶତାଧିକ ମହିଳା ଜିଲ୍ଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସମାଜସେବୀ ଚନ୍ଦନ ଦାସଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ହେବ ଗ୍ରାମକୁ ଯୋଗାଉଥିବା ପାଇପ୍‌ରେ ପାଣି ନଆସିବାରୁ ସ୍ଥାନୀୟ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଗ୍ରାମବାସୀ ମାନେ ପ୍ରତିବାଦ କଲେ ମଧ୍ୟ କୌଣସି ବ୍ୟବସ୍ଥା ନ ହେବାରୁ ସ୍ଥାନୀୟ ଗ୍ରାମବାସୀ

ପକ୍ଷାଭିତ୍ତିକ
30 YEARS
ସମ୍ବାଦ କଳିକା

୨୦୨୩-୨୪ରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ଠାରୁ କମ୍ ରହିବ

ଆଠ ବର୍ଷ ପରେ ପ୍ରଥମ ଥର ଲାଗି ଦେଶରେ ଚାଉଳ ଉତ୍ପାଦନ ହ୍ରାସ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି। ୨୦୨୩-୨୪ରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ଠାରୁ କମ୍ ରହିବା କାରଣରୁ ଧାନ ଚାଷ ପ୍ରଭାବିତ ହୋଇଛି। କିନ୍ତୁ ଗହମ ଚାଷ ସେଭଳି ପ୍ରଭାବିତ ହୋଇନାହିଁ। ସେଥିପାଇଁ ଗହମ ଉତ୍ପାଦନ ସାମାନ୍ୟ ୧.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦେଶ ଭିତରେ ଚାଉଳ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ଜୁଲାଇରେ ସରକାର ଚାଉଳ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ଏଭଳି ସ୍ଥଳେ ଭାରତ ଚାଉଳ ଉପରେ ନିର୍ଭରଶୀଳ ଥିବା ଦେଶଗୁଡ଼ିକର ସମସ୍ୟା ବଢ଼ିଯାଇଛି। ଚଳିତ ବର୍ଷର ଚାଉଳ ଉତ୍ପାଦନ ଯଦି ଆହୁରି କମ୍ ରହିବ ତେବେ ବିଶ୍ୱ ବଜାରରେ ଚାଉଳ ଦାମ୍ ବେଲଗାମ ହୋଇପଡ଼ିବା ଆଶଙ୍କା ଦେଖାଦେଇଛି। କୃଷି ଓ କୃଷକ ମନ୍ତ୍ରଣାଳୟ ଆକଳନ ଅନୁସାରେ ଜୁନ୍ ସୁଦ୍ଧା ଚାଉଳ ଉତ୍ପାଦନ ୧୨୩.୮ ନିୟୁତ ଟନ୍‌କୁ ହ୍ରାସ ପାଇବ। ସେହି ସମୟରେ ଗହମ ଉତ୍ପାଦନ ୧୧୨ ନିୟୁତ ଟନ୍‌ରେ ପହଞ୍ଚିବ। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଚାଉଳ ଉତ୍ପାଦନରେ ହ୍ରାସ ଦରବୃଦ୍ଧିର କାରଣ ହୋଇପାରେ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପାଇଁ ମୁଣ୍ଡବ୍ୟଥାର କାରଣ ହେବ। ଦେଶ ଭିତରେ ଚାଉଳ ଦାମ୍‌କୁ ନିୟନ୍ତ୍ରଣରେ ରଖିବା ଉପରେ ସରକାରଙ୍କୁ ଧ୍ୟାନ ଦେବାକୁ ପଡ଼ିବ। ବିଶ୍ୱ ବଜାର ପାଇଁ ଆଉ ଏକ ସମସ୍ୟା ହେଉଛି ଅନ୍ୟ ପ୍ରମୁଖ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ର ଯଥା ଥାଇଲ୍ୟାଣ୍ଡ, ଭିଏତନାମ, ପାକିସ୍ତାନ ଓ ମ୍ୟାମାରରେ ମଧ୍ୟ ମହଜୁଦ ଥିବା ଚାଉଳ ପରିମାଣ କମ୍ ରହିଛି।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍‌ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

ଅପରାଧ ମୁକ୍ତ ସମାଜ ଦେଶ ପାଇଁ ଏକ ଆହ୍ୱାନ

ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ପରିସଂଖ୍ୟାନରୁ ଜଣାଯାଏ ଯେ ପୃଥିବୀ ପୃଷ୍ଠରେ ଅଦ୍ୟାବଧି ଆଠଶହ କୋଟିରୁ ଉର୍ଦ୍ଧ୍ୱ ମନୁଷ୍ୟ ବସବାସ କରୁଛନ୍ତି। ତନ୍ମଧ୍ୟରୁ କେତେ ପ୍ରତିଶତ ଶୋଷଣ ମୁକ୍ତ ଜୀବନ ଯାପନ କରୁଛନ୍ତି ? ହୁଏତ ଏହାର ସଠିକ ଉତ୍ତର କାହାରି ପାଖରେ ମିଳିବ ନାହିଁ, ଆଉ ଯାହା ମିଳିବ ତାହା କେବଳ ଆନୁମାନିକ । ତେବେ ଶୋଷଣ ଅନେକ ପ୍ରକାର ଅଛି, ମାନସିକ, ଶାରୀରିକ, ଆର୍ଥିକ,ବ୍ୟବସାୟିକ, ଯୌନ , ଶିକ୍ଷା, ଆଇନ କାନୁନ, ନାବାଳକ ଶିଶୁ , ଗୋତି ଶ୍ରମିକ, ପୋଲିସ , ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ପ୍ରାୟ ସବୁ କ୍ଷେତ୍ରରେ ଏହି ଶୋଷଣ ପ୍ରକ୍ରିୟା ଅଙ୍କେ ବହୁତେ ପରିଲକ୍ଷିତ ହେଉଛି । ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଥିବା ଲକ୍ଷ ଲକ୍ଷ ମନୁଷ୍ୟ ଆଜି ନିଜ ଭାଗ୍ୟକୁ ଦୋଷ ଦେଇ ଅସହ୍ୟ ଯନ୍ତ୍ରଣା ମଧ୍ୟ ଦେଇ କାଳାତିପାତ କରୁଛନ୍ତି, ସେମାନଙ୍କ ଜୀବନ ନର୍କ ଠାରୁ ମଧ୍ୟ ଭୟଙ୍କର ହୋଇ ଯାଉଛି । ମିଳିତ ଜାତିସଂଘର ମାନବାଧିକାର ଉପରେ କହିବା କଥା ହେଲା ଯେ, 'ଜାତି, ଲିଙ୍ଗ, ଜାତୀୟତା, ଭାଷା, ଧର୍ମ କିମ୍ବା ଅନ୍ୟ କୌଣସି ସ୍ଥିତିକୁ ଖାତିର ନ'କରି ମାନବିକ ଅଧିକାର ସମସ୍ତ ମାନବ ସମାଜ ପାଇଁ ଅନ୍ତର୍ନିହିତ ଅଧିକାର ଅଟେ'। ମାନବିକ ଅଧିକାର ମଧ୍ୟରେ ଜୀବନ, ସ୍ୱାଧୀନତା, ଦାସତ୍ୱ ତଥା ନିର୍ଯାତନାରୁ ମୁକ୍ତି, ମତ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା , ଜୀବିକାର୍ଜନ ନିମନ୍ତେ କାର୍ଯ୍ୟ, ଶିକ୍ଷା ଅଧିକାର ଏବଂ ଅନ୍ୟାନ୍ୟ ମୌଳିକ ଅଧିକାର ଗୁଡ଼ିକ ଅନ୍ତର୍ଭୁକ୍ତ । ଭେଦଭାବ ବିନା ସମସ୍ତେ ଏହି ଅଧିକାର ପାଇବାକୁ ହକଦାର କିନ୍ତୁ ଏହା ଦ୍ୱାରା କ'ଣ ପ୍ରକୃତରେ ନିର୍ଯାତିତ ମନୁଷ୍ୟ ତା'ର ହକ/ଅଧିକାର ପାଉଛି କି ? ନା ଭାଇ ! ଅନେକ ଚେଷ୍ଟା ସତ୍ତ୍ୱେ ଏହି ପ୍ରଥାର ବିଲୋପ ଅତୀତରେ ହୋଇ ପାରି ନାହିଁ, ଇଚ୍ଛା ଶକ୍ତିର ଅଭାବରୁ ବର୍ତ୍ତମାନ ହୋଇ ପାରୁନାହିଁ କିମ୍ବା ଭବିଷ୍ୟତରେ ମଧ୍ୟ ହୋଇ ପାରିବାର ସମ୍ଭାବନା ଅସ୍ପଷ୍ଟ ଜଣା ଯାଉଛି । ଏହି ଅମାନୁଷିକ ପରିସ୍ଥିତିରେ ସୁଧାର ଆଣିବାକୁ ଅନେକ କର୍ମକର୍ତ୍ତା କାର୍ଯ୍ୟରତ, ଅଜସ୍ର ବ୍ୟୟ ବରାଦ ହୁଏ କିନ୍ତୁ ସେଥିରୁ କେତେ ପ୍ରତିଶତ ସୁଫଳ ମିଳେ ? ଭାରତୀୟ କାରାଗାର/ଜେଲ୍ ବିଷୟରେ କିଛିଟା ଉପସ୍ଥାପନା କରିବାକୁ ଚେଷ୍ଟା କରିଛି ହୁଏତ ସଂଗୃହିତ ତଥ୍ୟ ମଧ୍ୟରେ କିଛି ତ୍ରୁଟି ରହି ଯାଇ ଥାଇ ପାରେ ସେଥିପାଇଁ ଦୁଃଖିତ । ଜେଲ୍ ବା ବନ୍ଦୀ ଗୃହ ନାମ ଶୁଣିଲେ ଯେ କେହି ଭୟଭୀତ ହୋଇଯିବେ ଏହା ଏକ ସ୍ୱାଭାବିକ କଥା, କେବଳ ମନୁଷ୍ୟ ନୁହନ୍ତି ପଶୁ ପକ୍ଷୀ ମାନେ ମଧ୍ୟ ପଞ୍ଜୁରୀ ମଧ୍ୟରେ ବନ୍ଦୀ ଜୀବନ ଯାପନ କରିବାକୁ ପସନ୍ଦ କରି ନ'ଥାନ୍ତି। ସମସ୍ତେ ସ୍ୱାଧୀନତା ଚାହାନ୍ତି, ଅନେକ ବ୍ୟକ୍ତି କୌଣସି ଦୋଷ ନ'କରି ମଧ୍ୟ ମାସ ମାସ ଧରି ସରକାରୀ ଉଦାସୀନତା ପାଇଁ ଜେଲ୍ ଭିତରେ ସେମାନଙ୍କୁ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥାଏ । ୨୦୨୧ ଏନ:ସି:ଆର:ବିର ସଂଗୃହିତ ତଥ୍ୟ ଅନୁଯାୟୀ, ଭାରତୀୟ ଜେଲ୍‌ର ସମୁଦାୟ କଏଦୀଙ୍କ ମଧ୍ୟରୁ ୭୭ % ବିଚାରାଧୀନ କଏଦୀ ଥିବାବେଳେ ମାତ୍ର ୨୨ % ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି, ଅର୍ଦ୍ଧେକ ବ୍ୟକ୍ତି ୨ ବର୍ଷରୁ ଅଧିକ ସମୟ ଜେଲରେ ଅଛନ୍ତି, ୫,୫୪,୦୦୦ କଏଦୀଙ୍କ ମଧ୍ୟରୁ ୪,୨୭,୦୦୦ ବିଚାରକୁ ଅପେକ୍ଷା କରିଥିଲେ, ସେଥିମଧ୍ୟରୁ ୨୪,୦୩୩ ବିଚାରାଧୀନ ଅବସ୍ଥାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲରେ ଥିଲେ। ଜେଲ୍ ଗୁଡିକର କ୍ଷମତା ଠାରୁ ଢେର ଅଧିକ ବ୍ୟକ୍ତିଙ୍କୁ ଜେଲ୍ ଭିତରେ ପୋକ ମାଛି ସଦୃଶ ରଖା ଯାଉଛି । ଜେଲ୍/କାରାଗାର ଏବଂ ସେମାନଙ୍କର ପ୍ରଶାସନର ଦାୟିତ୍ୱ ହେଉଛି ବିଭିନ୍ନ ରାଜ୍ୟ ସରକାରଙ୍କ ବିଷୟ ଯାହାକି ଭାରତର ସମ୍ବିଧାନର ସପ୍ତମ ସୂଚୀରେ ରାଜ୍ୟ ତାଲିକା ଅନ୍ତର୍ଗତ ବିଷୟ ୪ ଦ୍ୱାରା ଅନ୍ତର୍ଭୁକ୍ତ । ଜେଲ୍ ଗୁଡିକର ପରିଚାଳନା ଏବଂ ପ୍ରଶାସନ କେବଳ ରାଜ୍ୟ ସରକାରଙ୍କ ଅଧୀନରେ ଥାଏ ଏବଂ ଜେଲ୍ ନିୟମ ୧୮୯୪ ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କ ଜେଲ୍ ମାନୁଆଲ ଦ୍ୱାରା ପରିଚାଳିତ । ତେଣୁ ବର୍ତ୍ତମାନର ଜେଲ୍‌ରେ ପ୍ରଚଳିତ ନିୟମ ଏବଂ ନିୟମାବଳୀକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ମାନଙ୍କର ପ୍ରାଥମିକ ଭୂମିକା, ଦାୟିତ୍ୱ ଏବଂ ଅଧିକାର ରହିଛି । ଜେଲ୍ ଗୁଡିକର ସୁରକ୍ଷା, ପୁରାତନ କାରାଗାରର ମରାମତି ତଥା ନବୀକରଣ, ବନ୍ଦୀ ମାନଙ୍କ ଚିକିତ୍ସା ସୁବିଧା, ଜେଲ ବିଦ୍ୟାଳୟର ବିକାଶ, ମହିଳା ଅପରାଧୀଙ୍କୁ ସୁବିଧା, ଯୋଗ ତାଲିମ, ଆଧ୍ୟାତ୍ମିକ ମାର୍ଗ ପ୍ରତି ଆକର୍ଷଣ, ଧନ୍ଦାମୂଳକ ତାଲିମ, ଜେଲ୍ ଭିତରେ ଥିବା ଶିଳ୍ପ ଗୁଡିକର ଆଧୁନିକୀକରଣ, ଜେଲ୍ କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ତାଲିମ ଦେବା ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ଜେଲ୍ ଗୁଡିକରେ କିଛିଟା ପରିବର୍ତ୍ତନ ସହିତ ଉଚ୍ଚ ସୁରକ୍ଷା ପ୍ରାଚୀର ଅତ୍ୟାଧୁନିକ ଯନ୍ତ୍ରପାତି ସି:ସି: କ୍ୟାମେରା , ମୋବାଇଲ ଜାମର, ସୁରକ୍ଷା କର୍ମୀଙ୍କ ପାଇଁ ବେତାର ଯନ୍ତ୍ର ତଥା ଉଚ୍ଚ ଶକ୍ତି ସମ୍ପନ୍ନ ଆଗ୍ନେୟାସ୍ତ୍ର ଯୋଗାଣ, ଜେଲ୍ ମଧ୍ୟରେ ନୂତନ ସକାରାତ୍ମକ ବାତାବରଣ ସୃଷ୍ଟି ପାଇଁ ଅନେକ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି କିନ୍ତୁ କିଛି ଆସାଧୁ କର୍ମଚାରୀ ନିଜ ସ୍ୱାର୍ଥ ପାଇଁ ଜେଲ୍ ସୁଧାର ବଦଳରେ ବନ୍ଦୀ ମାନଙ୍କ ଉପରେ ଅସହ୍ୟ ଅତ୍ୟାଚାର କରୁଛନ୍ତି, ଏପରିକି ଜେଲ୍‌କୁ ଆସୁଥିବା କିଛି ବିଚାରାଧୀନ ବନ୍ଦୀ ମୃତ୍ୟୁ ମୁଖରେ ପଡିଛନ୍ତି ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେଇ ସରକାରୀ ଭାବେ ଚପାଇ ଦିଆ ଯାଇଛି। ଜେଲ୍ ପ୍ରଶାସନର ବିଭିନ୍ନ ଦିଗ ଉପରେ ବିଚାର କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜେଲ୍ ସମ୍ବନ୍ଧରେ ତିନୋଟି ନୀତି ପ୍ରଣୟନ କରିଛନ୍ତି ସେଗୁଡିକ ହେଲା : ପ୍ରଥମ, ଜେଲରେ ଥିବା ଜଣେ ବ୍ୟକ୍ତି ଅଣ-ବ୍ୟକ୍ତି ହୁଅନ୍ତି ନାହିଁ, ଦ୍ୱିତୀୟ, ଜେଲରେ ଥିବା ବ୍ୟକ୍ତି କାରାଗାରର ସୀମା ମଧ୍ୟରେ ସମସ୍ତ ମାନବିକ ଅଧିକାର ପାଇବାକୁ ହକଦାର ଅଟନ୍ତି, ତୃତୀୟ, କାରାଗାର ପ୍ରକ୍ରିୟାରେ କଏଦୀଙ୍କୁ ପୂର୍ବରୁ ଦିଆଯାଇଥିବା ଯନ୍ତ୍ରଣାକୁ ଆଉ ବଢାଇବାର ଯଥାର୍ଥତା ନାହିଁ। ବର୍ତ୍ତମାନ୍ ନ୍ୟାୟପାଳିକାଙ୍କ ନିର୍ଦ୍ଦେଶ କେବଳ ନିର୍ଦ୍ଦେଶରେ ସୀମିତ। ଖୁବ୍ କମ୍ ସ୍ଥାନର ଏହା କାର୍ଯ୍ୟକାରୀ ହୁଏ ଏହାର କାରଣ ସରକାରୀ ଉଦାସୀନତା , ଅହଂ ଭାବ, ସରକାରୀ କର୍ମଚାରୀମାନଙ୍କ ଚାକିରିରେ ଶୃଙ୍ଖଳାର ଘୋର୍ ଅଭାବ, ରାଜନୈତିକ ହସ୍ତକ୍ଷେପ ଇତ୍ୟାଦି। ଭାରତରେ କାରାଗାର/ଜେଲ୍ ଗୁଡିକ ତିନୋଟି ସ୍ତରରେ ବିଭକ୍ତ - ତାଲୁକା ସ୍ତର, ଜିଲ୍ଲା ସ୍ତର ଏବଂ କେନ୍ଦ୍ରୀୟ ସ୍ତର , ଏହି ସ୍ତରର ଜେଲ୍ ଗୁଡ଼ିକୁ ଯଥାକ୍ରମେ ସବ୍ ଜେଲ୍, ଜିଲ୍ଲା ଜେଲ୍ ଏବଂ ସେଣ୍ଟ୍ରାଲ୍/କେନ୍ଦ୍ରୀୟ ଜେଲ୍ କୁହାଯାଏ । ସାଧାରଣତଃ , ସବ୍ ଜେଲ୍‌ରୁ ସେଣ୍ଟ୍ରାଲ୍ ଜେଲ୍ ପର୍ଯ୍ୟନ୍ତ ଭିତ୍ତିଭୂମି, ସୁରକ୍ଷା ଏବଂ କଏଦୀଙ୍କ ସୁବିଧା ଯଥା ଚିକିତ୍ସା, ଶିକ୍ଷା ଏବଂ ପୁନର୍ବାସ ଭଳି ଉନ୍ନତିମୂଳକ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥାଏ । ଅନ୍ୟ ପ୍ରକାରର ଜେଲ୍ ପ୍ରତିଷ୍ଠାନ ଗୁଡ଼ିକ ହେଉଛି ମହିଳା ଜେଲ୍, ବାଳ ସୁଧାର ସ୍କୁଲ୍, ଉନ୍ମୁକ୍ତ ଜେଲ୍ ଏବଂ ସ୍ୱତନ୍ତ୍ର ଜେଲ୍। ସଂଗୃହିତ ତଥ୍ୟ ଅନୁଯାୟୀ ୩୧ ଡିସେମ୍ବର ୨୦୧୬ ସୁଦ୍ଧା ସମଗ୍ର ଭାରତରେ ଜେଲ୍ ସଂଖ୍ୟା ଏବଂ ଉପଲବ୍ଧ କଏଦୀ କ୍ଷମତା ନିମ୍ନରେ ଦର୍ଶାଯାଇଛି କେନ୍ଦ୍ରୀୟ ଜେଲ୍ ୧୩୭ ଗୋଟି କଏଦୀ କ୍ଷମତା ୧୬୫, ୭୫୦, ଜିଲ୍ଲା ଜେଲ୍ ୩୯୪-- କଏଦୀ କ୍ଷମତା ୧୪୭, ୦୦୩ ଜଣ, ସବ୍ ଜେଲ୍ ୭୩୨ -- ୪୫, ୫୬୯ ଜଣ, ମହିଳା ଜେଲ୍ ୨୦ -- ୫, ୧୯୭ ଜଣ, ବୋର୍ଷ୍ଟାଲ୍ ସ୍କୁଲ୍/ ସୁଧାର ଗୃହ ୨୦ -- ୧,୬୩୦ ଜଣ, ଉନ୍ମୁକ୍ତ ଜେଲ୍ ୬୪ -- ୫,୪୧୨ ଜଣ, ସ୍ୱତନ୍ତ୍ର ଜେଲ୍ ୪୨ -- ୧୦,୧୪୫ ଜଣ, ଅନ୍ୟ ଜେଲ୍ ୩ --୧୭୦ଜଣ, ସମୁଦାୟ ୧, ୪୧୨ ଗୋଟି ଜେଲ ଏବଂ ଏହାର କଏଦୀ କ୍ଷମତା ୩,୮୦,୮୭୬ ଜଣ । ବର୍ତ୍ତମାନ ପରିସ୍ଥିତିରେ ଆଉ ଅଧିକ ଜେଲ ବଢାଇବାର ଆବଶ୍ୟକତା ଅଛି ନା' ତୃଣମୂଳ ସ୍ତରରୁ ଅପରାଧ କମାଇ ଜେଲ୍ ଗୁଡିକର କ୍ଷମତା ଠାରୁ କମ କଏଦୀଙ୍କ ଉପସ୍ଥିତିକୁ ସ୍ୱାଗତ କରିବାର ଅଛି ? ଯଦି ଆମେ ସମସ୍ତେ ଅନ୍ତରରୁ ଚେଷ୍ଟା କରିବା ହୁଏତ ଆମ ପଡୋଶୀ ରାଷ୍ଟ୍ର ଭୁଟାନ ପରି ଧୀରେ ଧୀରେ ଜେଲ୍ ଗୁଡିକ କଏଦୀ ଶୂନ୍ୟ ହୋଇ ଶେଷରେ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେବ । ଏକଥା ସମାଜର ସବୁ ସ୍ତରର ବ୍ୟକ୍ତି ବିଶେଷ ନିଜ ଅନ୍ତରରୁ ଚିନ୍ତା କରନ୍ତୁ ,ପଞ୍ଜୁରୀ ଭିତରେ ପକ୍ଷୀ ଟିଏ ଯେପରି ମାନସିକ, ଶାରୀରିକ ଯନ୍ତ୍ରଣା ପାଏ ତଥା ତା'ର ସ୍ୱାଧୀନତାକୁ ସେ ପଞ୍ଜୁରୀର ଶକ୍ତ ବଳୟ ଭିତରେ ହରାଇ ଦେଇଥାଏ ସେହିପରି ଜଣେ କଏଦୀ ତା'ର ସମସ୍ତ ସ୍ୱାଧିନତାରୁ ବଂଚିତ ହୋଇ ଅମଣିଷ ପରି ବଞ୍ଚି ରହିବାକୁ ବାଧ ହୋଇଥାଏ । ପୁରାଣରେ ବର୍ଣ୍ଣିତ ଯମପୁରୀ ଏବଂ ଯମ ଦଣ୍ଡର ଅବିକଳ ନକଲ ଜେଲ୍ ଗୁଡିକରେ ଦେଖିବାକୁ ମିଳେ , କେବଳ ଭାରତବର୍ଷ ନୁହେଁ ପୃଥିବୀର ୯୦ ପ୍ରତିଶତ ଦେଶର ଜେଲ୍ ଗୁଡିକ ଖୁବ୍ ଭୟାନକ, ଅସ୍ୱାସ୍ଥ୍ୟକର ପରିବେଶ ଜେଲ୍‌ର ଅନ୍ତେବାସୀମାନେ ପଶୁଠାରୁ ମଧ୍ୟ ହୀନ ଅବସ୍ଥାରେ କାଳାତିପାତ କରୁଛନ୍ତି । ଆମ ମାନବିକତା ଏବଂ ମାନସିକତାକୁ ଅବିଳମ୍ବେ ବଦଳାଇବାକୁ ଆମେ ଚେଷ୍ଟିତ ହେବା ଉଚିତ, ତାହା ଦ୍ୱାରା ଅପରାଧ କମିବ ଏବଂ ଅପରାଧୀ ମଧ୍ୟ ସଚେତନ ହେବେ । କେବଳ ଦଣ୍ଡ ବିଧାନ କରି ସମାଜରୁ ଅପରାଧୀ କମାଇବା ଆଦୌ ସମ୍ଭବ ନୁହେଁ, ତୃଣମୂଳ ସ୍ତରରୁ ଯଦି ଚେଷ୍ଟା କରାଯାଇ ପରିବ ତେବେ ଆଗାମୀ ଦଶନ୍ଧି ବେଳକୁ ହୁଏତ ଅପରାଧୀଙ୍କ ସଂଖ୍ୟା ୭୦ ପ୍ରତିଶତ କମିଯିବ, ଏଥିପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ଅତି ସଧାରଣ ସରକାରୀ କର୍ମଚାରୀ , ନେତା, ମନ୍ତ୍ରୀ, ସମାଜର ଗନ୍ୟ ମାନ୍ୟ ବ୍ୟକ୍ତି, ସମାଜ ସୁଧାରକ, ଶିକ୍ଷକ, ପିତାମାତା ସମସ୍ତେ ହୃଦୟରୁ ଚେଷ୍ଟିତ ହେବା ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ହୃଦବୋଧ ହେଉଛି । ନିକଟ ଅତୀତରେ ମହାମହିମ ରାଷ୍ଟ୍ରପତି ଏକ ଭାବପ୍ରବଣ ଭାଷଣ ସହିତ ଖୁବ୍ ସୁନ୍ଦର ଭାବେ ଜେଲ ବିଷୟରେ ନିଜର ଅନ୍ତରର କଥାକୁ ଉପସ୍ଥାପନା କରିଥିଲେ । ସଭାରେ ଉପସ୍ଥିତ ଥିବା ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କର୍ମକର୍ତ୍ତା, ସାରା ଭାରତର ନ୍ୟାୟାଧୀଶ, ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ଏବଂ ଆଇନ ମନ୍ତ୍ରୀ ମାନଙ୍କୁ ଅନୁରୋଧ ଛଳରେ ଜେଲ୍ ଅନ୍ତେବାସୀଙ୍କ ଦୁଃଖକୁ ବଖାଣି ବସିଥିଲେ, ଏହା ତା'ଙ୍କର ହୃଦୟର ବ୍ୟଥା ଥିଲା। ଅନେକ ନିରୀହ , ଆଇନ ଜାଣି ନ'ଥିବା ବ୍ୟକ୍ତି , ଛୋଟ ଛୋଟ ଅପରାଧିକ ଘଟଣାରେ ଜଡ଼ିତ ହୋଇ କିପରି ଆମ ପରି ଶିକ୍ଷିତ ବ୍ୟକ୍ତି ମାନଙ୍କ କୂଚକ୍ରରେ ପଡି ବର୍ଷ ବର୍ଷ ଧରି ଜେଲ୍ ଭିତରେ ସଢୁଛନ୍ତି , ନିଜର ମକଦ୍ଦମା ଅଦାଲତରେ ଲଢ଼ିବା ପାଇଁ କିପରି ଆଇନ ରକ୍ଷକଙ୍କ ଦ୍ୱାରା ନିର୍ଯାତିତ/ ଶୋଷିତ ହେଉଛନ୍ତି , ଶେଷରେ ନିଜର ସମସ୍ତ ସଂଚିତ ଥିବା ପୁଞ୍ଜି ସରିଯିବା ପରେ ଜମି, ବାଡ଼ି ଏପରିକି ନିଜର ବାସନକୁସନ ମଧ୍ୟ ବିକ୍ରି କରି ଦେଉଛନ୍ତି , ତଥାପି ସେମାନେ ଆଇନ ଆଖିରେ ନିରପରାଧୀ ସାବ୍ୟସ୍ତ ହୋଇ ପାରୁନାହାନ୍ତି । ପୋଲିସ୍, ଆଇନ୍ ରକ୍ଷକ, ଅଦାଲତର ନିୟମ କାନୁନ ଭିତରେ ପେଷି ହୋଇ ତିଳ ତିଳ ହୋଇ ମରୁଛନ୍ତି । ଏହି ନିର୍ମାୟା , ଅଶିକ୍ଷିତ , ସରଳ ଅସହାୟ ଗୋଷ୍ଠୀଙ୍କୁ କେବେ ନ୍ୟାୟ ମିଳିବ ? ହଁ, ହୁଏତ କାଗଜପତ୍ରରେ ମିଳୁଛି କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହା ଶୂନ୍ୟ । ଏହା କ'ଣ ଗରିବକୁ ଶୋଷଣ/ ନିର୍ଯାତନାର ଏକ ଜ୍ୱଳନ୍ତ ଉଦାହରଣ ନୁହେଁ ? ମଇ ପହିଲା ୨୦୨୪ ଦିନ ଓଡ଼ିଶାର

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୫ ମଇ ୨୦୨୪ ରବିବାର



ତାତିରେ ବଢୁଛି ମାଟିପାତ୍ରର ଚାହିଦା

ଶେରଗଡ଼/ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଆଧୁନିକ ଯୁଗରେ ଲୋକଙ୍କ ରୁଚି ବଦଳୁଛି । ସାମାଜିକ ଜୀବନ ସହ ସମ୍ପୃକ୍ତ ରହିଥିବା ମାଟି ହାଣ୍ଡିର ଚାହିଦା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି । ଏଥିସହ କୁମ୍ଭକାରଙ୍କ ଜୀବନ ଜୀବିକା ମଧ୍ୟ ସଙ୍କଟ ଭିତରକୁ ଚାଲି ଯାଇଛି । ଦିନ ଥିଲା ଲୋକମାନେ ଅଧିକ ତାପମାତ୍ରାରେ ମାଟି ସାମଗ୍ରୀ ଉପରେ ନିର୍ଭର କରିଥିଲେ । ପୂଜା ପାର୍ବଣ ସମେତ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମାଟିପାତ୍ର ବ୍ୟବହାର କରାଯାଉଥିଲା । ବିଶେଷ କରି ଗ୍ରୀଷ୍ମ ଋତୁରେ ମାଟି ପାତ୍ରର ଚାହିଦା ବଢୁଥିଲା । କିନ୍ତୁ ବର୍ତ୍ତମାନ ଥଣ୍ଡା ପାଣି ପିଇବା ଲାଗି ଅତ୍ୟାଧୁନିକ ଯନ୍ତ୍ରପାତି ବାହାରିବା ଫଳରେ ଲୋକମାନେ ମାଟି ପାତ୍ରରୁ ମୁହଁ ମୋଡୁଥିଲେ । ହେଲେ ଅତ୍ୟଧିକ ଖରା ସାଙ୍ଗକୁ ଥଣ୍ଡାର ସାମଗ୍ରୀ ମାଟି ପାତ୍ର ଉପରେ ଲୋକଙ୍କ ନଜର ପୁଣି ଥରେ ପଡ଼ିଛି । ମାଟି ହାଣ୍ଡି, ମାଠିଆ, ସୁରେଇ ଆଦି ପାତ୍ରର ପସରା ବର୍ତ୍ତମାନ ବଜାରରେ ଦେଖିବାକୁ ମିଳୁଛି । ଖରାଦିନେ ଅସହ୍ୟ ଗରମକୁ ଲକ୍ଷ୍ୟ କରି ବହୁ ଲୋକ ମାଟି ପାତ୍ର କିଣୁଛନ୍ତି । ପାଣିକୁ ଥଣ୍ଡା ରଖିବାକୁ ମାଟିହାଣ୍ଡି, ସୁରେଇ ଓ ମାଠିଆର ବିକଳ୍ପ ନାହିଁ । ପରିବେଶ ଅନୁକୂଳ ମାଟି ପାତ୍ର ଶରୀର ପାଇଁ ମଧ୍ୟ ଉପକାରୀ । କୌଣସି ରାସାୟନିକ ଦ୍ରବ୍ୟ ବିନା ପ୍ରାକୃତିକ ଉପାୟରେ ଏହା ତିଆରି ହୋଇଥିବାରୁ ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ । ତେବେ ସମୟ ବଦଳିବା ସହ ଧାରା ମଧ୍ୟ ବଦଳିଲା । ଏହି ମାଟିପାତ୍ରର ଚାହିଦାକୁ ଆଲୁମିନିୟମ୍, ଷ୍ଟିଲ୍ ଆଦି ଏହାର ସ୍ଥାନ ନେଲାଣି । ମାଟିପାତ୍ର ଓ ଅନ୍ୟ ପାତ୍ରର ସ୍ୱଳ୍ପ ଆୟୁ ଦୃଷ୍ଟିରୁ ଲୋକ ଏହି ମାଟି ପାତ୍ର ସାମଗ୍ରୀକୁ ଛାଡ଼ିଲେ ଓ ପରିବର୍ତ୍ତନ ସମୟରେ ଆଲୁମିନିୟମ୍ ଓ ଷ୍ଟିଲ୍ ସୁଅରେ ନିଜର ଘରୋଇ ସାମଗ୍ରୀ ରୂପେ ବ୍ୟବହାର କଲେ । ଫଳରେ କୌଳିକ ବୃତ୍ତି ସଙ୍କଟର ସମ୍ମୁଖୀନ ହେଲା । କେବଳ ମାଟି ଦୀପ, କଳସ, ସରା ଏବଂ କେତେକ ରୀତିନୀତି ଲାଗି ଆବଶ୍ୟକ ହୋଇଥିବା ମାଟି ତିଆରି ସାମଗ୍ରୀ । ଶେରଗଡ଼ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳରେ କୁମ୍ଭକାରମାନେ ବିଭିନ୍ନ ପ୍ରକାର ମାଟି ପାତ୍ରର ପସରା ବିକ୍ରି କରୁଥିବା ବେଳେ ଅନ୍ୟ ଦିନ ମାନଙ୍କରେ ମୁଣ୍ଡରେ ବୋଝେଇ କରି ଗାଁ ଗାଁ ବୁଲି ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ପୂର୍ବ ପରି ଏହି ଆଦର ଲୋକଙ୍କ ମଧ୍ୟରେ ନାହିଁ । କେବଳ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଖରା ହେଲେ ଏହାର ଚାହିଦା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ମାଟି ହାଣ୍ଡି ଗଢ଼ିବା ଲାଗି ଯେତିକି ପରିଶ୍ରମ ଆବଶ୍ୟକ ପଡ଼େ ତାହା ତୁଳନାରେ ପାରିଶ୍ରମିକ ମିଳେ ନାହିଁ କି ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁନାହିଁ ବୋଲି କୁମ୍ଭକାରମାନେ ପ୍ରକାଶ କରିଛନ୍ତି । ଯଦି ସରକାର ପ୍ରୋତ୍ସାହନ ଯୋଗାଇ ଦିଅନ୍ତେ, କୌଳିକ ବୃତ୍ତି କୁମ୍ଭକାରମାନେ ଆପଣେଇବା ସହ ସୁନ୍ଦର କଳାକୁଟୀର ଶିଳ୍ପର ଅସ୍ତିତ୍ୱ ବଜାୟ ରଖିବାରେ ସମର୍ଥ ହୁଅନ୍ତେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ବିଦ୍ୟାର୍ଥୀମାନଙ୍କ ସମ୍ମିଳନୀ

ବାଲେଶ୍ୱର, ନ୍ୟୁଜ୍

ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଗବେଷଣାରତ ବିଦ୍ୟାର୍ଥୀମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱ ଓ ପରାମର୍ଶ କ୍ରମେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଅଛି । ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଡ଼କ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ଉପସ୍ଥିତ ହୋଇ ଏହି ଦିନକୁ ଗବେଷକଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିବସ କହି ଖୁସିବ୍ୟକ୍ତ କରିଥିଲେ । ଏହି କନ୍‌କ୍ଲେଭ୍‌ରେ ଓଡ଼ିଶା ସହ ଅନ୍ୟାନ୍ୟ ୫ଟି ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଗବେଷଣାରତ ଅଧ୍ୟାପକ-ଅଧ୍ୟାପିକାମାନେ ଅଂଶଗ୍ରହଣ କରି ନିଜ ନିଜର ଗବେଷଣାର ସନ୍ଦର୍ଭ ପୋଷ୍ଟର ମାଧ୍ୟମରେ ଉପସ୍ଥାପନ କରିଥିଲେ । ପ୍ରାୟ ୮ଟି ବିଷୟରେ ୨୫୦ରୁ ଉର୍ଦ୍ଧ୍ୱ ଅଧ୍ୟୟନରତ ଗବେଷକମାନେ ଉପସ୍ଥିତ ହୋଇ ନିଜ ବିଷୟର ସମ୍ପର୍କିତ ତଥ୍ୟଗୁଡ଼ିକର ପୋଷ୍ଟର ପ୍ରଦର୍ଶନ କରିଥିଲେ । ବିଭିନ୍ନ ବିଶ୍ୱ ବିଦ୍ୟାଳୟର ବରିଷ୍ଠ ବିଶେଷଜ୍ଞମାନେ ବିଚାରପତି ଭାବେ ଯୋଗଦେଇ ଏହି ଉପସ୍ଥାପିତ ସନ୍ଦର୍ଭ ଗୁଡିକର ବିଶ୍ଳେଷଣ କରିଥିଲେ ଓ ଆବଶ୍ୟକୀୟ ପରିବର୍ତ୍ତନ ନିମନ୍ତେ ଉପଦେଶ ଦେଇଥିଲେ । ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କନ୍‌କ୍ଲେଭ୍‌ର ଆୟୋଜିତ ଡ଼କ୍ଟର ନିହାର ରଞ୍ଜନ ରାଉତ ଓ ସହସଂଯୋଜକ ଡ଼କ୍ଟର ରବି ନାରାୟଣ ବେହେରାଙ୍କୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଉତ୍ସାହିତ କରିଥିଲେ ଓ ନିଜ ଉଦ୍‌ବୋଧନରେ ଏପରି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ଗବେଷକଙ୍କୁ ଏକ୍ସପୋଜର ମିଳିବା, ବନ୍ଧୁତ୍ୱ ଗଠନ ସହ ଅନୁସନ୍ଧାନରେ ସହଯୋଗ, ବିଷୟକ ଜ୍ଞାନ ସହଯୋଗୀ, ଗଠନମୂଳକ, ପ୍ରକୃତ ପ୍ରଗତିର ମୂଲ୍ୟାଙ୍କନ, ଗବେଷଣା ସମୟ ମଧ୍ୟରେ ଅନୁଭୂତ ମାନସିକ ସ୍ତରରେ ଭୟର ଦୂରୀକରଣ ଆଦି ପ୍ରମୁଖ ବୋଲି ଉଲ୍ଲେଖ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଉପସ୍ଥାପନ କରାଯାଇଥିବା ପୋଷ୍ଟର ମଧ୍ୟରୁ ଶ୍ରେଷ୍ଠ ବିବେଚିତ ଗବେଷକଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଡ଼କ୍ଟର ରାଜଶ୍ରୀ ଦତ୍ତ କରିଥିଲେ ଓ ଡ଼କ୍ଟର ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ୨୯ ତମ ବାର୍ଷିକ ଉତ୍ସବ ସ୍କୁଲର ଅଧ୍ୟକ୍ଷ ରୁଦ୍ର ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାତ୍ର ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ରାମଚନ୍ଦ୍ର ବେହେରା ସମ୍ମାନୀୟ ଅତିଥି ଭାବେ, ଜଗତସିଂହପୁର ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସବୁ ବିଭାଗରେ ଦକ୍ଷତା ପ୍ରଦର୍ଶନ କରିଥିବା ଶିବାଲିକ ହାଉସ୍‌କୁ (କକ୍ ହାଉସ୍) ସର୍ବତୋନ ହାଉସ୍ ରନିଂ ଟ୍ରଫି ପ୍ରଦାନ କରାଯାଇଛି । ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅବିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍କୁଲର ଶିକ୍ଷାଦାନ ସମ୍ପର୍କରେ ପ୍ରଶଂସା କରିଥିଲେ । ସଭାରେ ଦିଲୀପ କୁମାର ମହାନ୍ତି, ଶଶଧର ମଲିକ, ଅଞ୍ଜଳୀ ଶର୍ମା, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ:କଂଗ୍ରେସରୁ ପ୍ରଫୁଲ୍ଲ, ଆପ୍‌ରୁ ଯୌବନ ଓ ବିଏମ୍‌ପିରୁ ପ୍ରଦୀପ ନାମାଙ୍କନ ଭରିଲେ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ତିନି ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରବଳ ରୌଦ୍ରତାପ ସତ୍ତ୍ୱେ ହଜାର ହଜାର ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା ଓ ପଟୁଆର କରି କନ୍ଧମାଳ ଜିଲ୍ଲା ଜି ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଆମ୍ ଆଦମୀ ପାର୍ଟି ପକ୍ଷରୁ ଯୌବନ ମଲ୍ଲିକ ଓ ବହୁଜନ ମୁକ୍ତି ପାର୍ଟି ପକ୍ଷରୁ ପ୍ରଦୀପ ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସ୍ଥାନୀୟ ହନୁମାନ ମନ୍ଦିର ନିକଟରୁ ହଜାର ହଜାର ସମର୍ଥକଙ୍କୁ ନେଇ ସ୍ଥାନୀୟ ବସ୍‌ଷ୍ଟାଣ୍ଡ, ବଜାର ଦେଇ ଆଇଟିଡିଏ କାର୍ଯ୍ୟାଳୟରେ ପହଞ୍ଚି ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ନିକଟରେ ୪ ସେଟ୍ ପ୍ରାର୍ଥୀପତ୍ର ନାମାଙ୍କନ ଦାଖଲ କରିଥିଲେ । ପ୍ରାର୍ଥୀ ପତ୍ର ଦାଖଲ ସମୟରେ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା, ରାଇକିଆ ଜିଲ୍ଲା ପରିଷଦରୁ ସତ୍ୟବାନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଆମ୍ ଆଦମୀ ପାର୍ଟି ପକ୍ଷରୁ ଯୌବନ ମଲ୍ଲିକ ଓ ବହୁଜନ ମୁକ୍ତି ପାର୍ଟି ପକ୍ଷରୁ ପ୍ରଦୀପ ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

ବ୍ରଜରାଜନଗର ଆସନ ପାଇଁ ଆପ୍ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଦିନ ପ୍ରାୟ ୧୧ଟାରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଧାନସଭା ଆମ ଆଦମୀ ପାର୍ଟିର ବିଧାୟକ ପ୍ରାର୍ଥୀ କୁମୁଦ ରଞ୍ଜନ ପ୍ରସାଦ ନିଜର ଶହ ଶହ କର୍ମୀଙ୍କ ସହିତ ଏକ ରାଲି କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । କୁମୁଦ ତାଙ୍କର ବକ୍ତବ୍ୟ ଦେଇ କହିଥିଲେ ଯେ ବ୍ରଜରାଜନଗରର ସମସ୍ତ ଜନତାଙ୍କ ପାଇଁ ଏକ ପରିବର୍ତ୍ତନ ଦରକାର । ଯୋଉଟା କି କେବଳ ଆମ ଆଦମୀ ପାର୍ଟି ଗାଁ ଗଣ୍ଡା ବୁଲି ନିଜର ସମର୍ଥକ ଏକ୍‌ଜୁଟ୍ କରି ମଜ୍‌ବୁତ କରୁଛନ୍ତି ଏବଂ ବ୍ରଜରାଜନଗରର ସମସ୍ତ ଭୋଟରଙ୍କ ମନ ମୋହିଛନ୍ତି । ଆଗାମୀ ଦିନରେ ଯଦି ଆମ୍ ଆଦମୀ ପାର୍ଟି ବ୍ରଜରାଜନଗରରେ ବିଜୟ ଲାଭ କରେ ତାହାଲେ ଲୋକାଲ ନିଯୁକ୍ତି ସହିତ ମହାନଦୀ କୋଇଲା ଖଣିରେ ସ୍ଥାୟୀ ନିଯୁକ୍ତି ପାଇ ବିଧାନସଭାରେ ସ୍ୱର ଉତ୍ତୋଳନ କରିବେ ଏବଂ ରାଜ୍ୟ ସରକାର ଯେଉଁଭଳିଆ ପଶ୍ଚିମ ଓଡ଼ିଶାବାସୀଙ୍କୁ ଅବହେଳିତ କରୁଛନ୍ତି । ତାହାଉପରେ ମଧ୍ୟ ସ୍ୱର ଉତ୍ତୋଳନ କରିବେ ବୋଲି କୁମୁଦ କହିଛନ୍ତି । ଏହି ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଆମ ଆଦମୀ ପାର୍ଟିର ମହିଳା ମୋର୍ଚ୍ଚା ସଭାପତି ଆରତୀ ଚୌଧୁରୀ, ଜିଲ୍ଲା ସଭାପତି ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ପାତ୍ର କାର୍ଯ୍ୟକର୍ତ୍ତା ସବୀର ଅକ୍‌ତର, ଦୁଷ୍ମନ୍ତ ଲୋକଚନ୍ଦନି, ଜିତେନ୍ଦ୍ର ସାହୁ, ଧର୍ମେନ୍ଦ୍ର ରାୟ, ବିଜେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ବାଟବଣା ପିଇବା ପାଣି ପ୍ରକଳ୍ପ:ଲୋକଙ୍କୁ ମିଳୁନି ପାଣି

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝରରେ ପାରଦ ୪୩ ଡିଗ୍ରୀ ଟପିଥିବା ବେଳେ ସାହି ସାହିରେ ଓ ଘରେ ଘରେ ଏବେ ଜଳ କଷ୍ଟ ତୀବ୍ର ରୂପ ଧାରଣ କରିଛି । ପିଇବା ପାଇଁ ପାଣି ମିଳୁନଥିବା ବେଳେ ଘରେ ଘରେ ପିଇବା ପାଣି ଯୋଜନା ଫେଲ୍ ମାରିଛି । କେନ୍ଦୁଝର ଜିଲ୍ଲାର ନରଣପୁର ଉପଖଣ୍ଡ ଅନ୍ତର୍ଗତ ଘୁଟୁକେଶ୍ୱରୀ ଗ୍ରାମର ମୁଣ୍ଡା ସାହିରେ ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ଲକ୍ଷ୍ୟରେ ପ୍ରତ୍ୟେକ ପରିବାର ସମ୍ମୁଖରେ ପିଇବା ପାଣି ନଳ ଲଗା ଯାଇଛି । ଦୀର୍ଘ ଏକ ବର୍ଷ ହେବାକୁ ବସିଲାଣି ହେଲେ ପିଇବା ପାଣି ପାଇବାକୁ ଅନେଇ ଅନେଇ ଲୋକେ ହତାଶ ହୋଇ ପଡିଲେଣି । ଭାରତ ସରକାରଙ୍କ ସ୍ୱଚ୍ଛ ପିଇବା ପାଣି ପ୍ରକଳ୍ପ ମାଧ୍ୟମରେ ନଳ ଯୋଗେ ପିଇବା ପାଣି ଘରେ ଘରେ ପହଞ୍ଚିବା ଯୋଜନା ଯେମିତି ନରଣପୁର ପଞ୍ଚାୟତରେ ଦିଗହରା ହୋଇଛି । ଅନେକ ସ୍ଥାନରେ ଏହି ସିମେଣ୍ଟ ଖୁଣ୍ଟରେ ଲାଗିଥିବା ନଳ ଭାଙ୍ଗି ମାଟିରେ ମିଶି ଯାଇଛି । ପିଇବା ପାଣି ପାଇଁ ଲାଗିଥିବା ଏହି ପାଇପ୍ ସବୁ ଏମିତି ଜାଗାରେ ଲାଗିଛି ଯେ, କେହିବି ଦେଲେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଭାବେ ବାରି ହୋଇପଡିବ । ଅନେକ ଲୋକ ପାଇପ୍ ସଂଯୋଗ ପାଇଁ ଟଙ୍କା ମଧ୍ୟ ଦେବାକୁ ପଡିଥିଲା ବୋଲି ଅଭିଯୋଗ କରିଛନ୍ତି । କିଛି ପାଇପ୍ ଅଳିଆଗଦା ଭିତରେ ଲଗା ଯାଇଛି । ଯେଉଁ ସ୍ଥାନକୁ କେହି ପାଣି ପାଇଁ ସଂଗ୍ରହ କରିବାକୁ ଯାଇପାରିବେନାହିଁ । ଏପରିସ୍ଥଳେ ନାମକୁ ମାତ୍ର ପାଣି ପାଇପ୍ ସଂଯୋଗ ଏକ ପ୍ରହସନରେ ପରିଣତ ହୋଇଛି । ଆଗକୁ ଆସୁଛି ଖରାଦିନ । ଏ ବର୍ଷ ଜଳକଷ୍ଟ ଅତିଷ୍ଠ ହେବାର ସମ୍ଭାବନା ରହିଥିବା ପରିବେଶବିତ୍‌ମାନେ କହିସାରିଲେଣି । ଏପରି ସ୍ଥଳେ ଖରାଦିନ ପୂର୍ବରୁ ପାଇପ୍ ଯୋଗେ ଜଳ ନପହଞ୍ଚାଇଲେ ଲୋକେ ଜଳକଷ୍ଟ ଭୋଗିବେ ନିଶ୍ଚୟ । ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଲୋକଙ୍କ ନିକଟରେ ଯଥାଶୀଘ୍ର ପିଇବା ପାଣିର ସୁବନ୍ଦୋବସ୍ତ କରାଇବା ପାଇଁ ମୁଣ୍ଡା ସାହି ଲୋକେ ଦାବି ଜଣାଇଛନ୍ତି । ଏ ବିଷୟରେ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି । ଖୁବ୍‌ଶୀଘ୍ର କାମ କରିଥିବା ଠିକାଦାରଙ୍କୁ ଡକାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କହିଛନ୍ତି ।

ବଡ଼ସାହିରେ ଲେଖାଶ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବଡ଼ସାହିରେ ଦ୍ୱିତୀୟ ଥର ପାଇଁ ନିର୍ବାଚନୀ ପ୍ରଚାରରେ ପଦଯାତ୍ରା କଲେ ଲେଖାଶ୍ରୀ । ସେଥିରେ ଅତିଥି ଭାବେ ଯୋଗଦେଲେ ସିନେମା ତାରକା ଅର୍ପିତା ଓ ଦେବାଶିଷ । ଏଥର ଡବଲ ଶଙ୍ଖ ନାରା ଦେଇ ଜୟ ଯୁକ୍ତ କରାନ୍ତୁ ବୋଲି ଆଶୀର୍ବାଦ ଭିକ୍ଷା କଲେ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ । ନିର୍ବାଚନ ପାଇଁ ବଡ଼ ସାହିରେ ଆରମ୍ଭ ହୋଇଛି ଜୋର୍‌ଦାର୍ ପ୍ରଚାର । ବେତନଟୀ ସ୍ଥିତ ମୟୂର କେମିକାଲ ପଡିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପଦଯାତ୍ରାରେ ଯୋଗଦେଲେ ବାଲେଶ୍ୱର ଲୋକସଭା ଅଧୀନରେ ଆସୁଥିବା ବଡ଼ସାହି ନିର୍ବାଚନ ମଣ୍ଡଳୀର ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରର୍ଥନୀ ଅନୁଶୟା ପାତ୍ର ଓ ଓଡ଼ିଆ ସିରିଏଲ୍‌ର ଷ୍ଟାର୍ ପ୍ରଚାରକ ଅର୍ପିତା ଓ ଦେବାଶିଷ ।ଏହି ସଭାରେ ରାଜ୍ୟ ସରକାରଙ୍କ ଯୋଜନାକୁ ଲୋକଙ୍କ ସମ୍ମୁଖରେ ବଖାଣି ଡବଲ ଶଙ୍ଖକୁ ଜିତାଇବା ପାଇଁ ଲେଖାଶ୍ରୀ କହିଥିବା ବେଳେ, ଉଭୟ ବିଧାନ ସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ପଣତ କାନି ପତାଇ ନିବେଦନ କରିଥିଲେ । ତେବେ ଏହି ସଭାରେ ହଜାର ହଜାର ସମର୍ଥକ ଉପସ୍ଥିତ ରହିବା ସହିତ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ ।

ସଂଜୀବ ରାଉତ ହେଲେ ଜିଲ୍ଲା କିଷାନ କଂଗ୍ରେସର ସଭାପତି

ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ

ମହାକାଳପଡ଼ା ଅଞ୍ଚଳର ଜଣେ ଜଣାଶୁଣା ସମବାୟବିତ୍, ଶ୍ରମିକ ନେତା ତଥା କଂଗ୍ରେସ ଦଳର ଜଣେ ଯୁବନେତା ବଡ଼କୂଳ ଗ୍ରାମର ସଂଜୀବ ରାଉତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କିଷାନ କଂଗ୍ରେସର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି । କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ଲୋକନାଥ ମହାରଥୀଙ୍କ ସୁପାରିଶ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ ସେଲ୍‌ର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଶ୍ରୀ ରାଉତଙ୍କୁ ନିଯୁକ୍ତି ଦେଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ଜଣାଶୁଣା ରାଜନେତା ସ୍ୱର୍ଗତ ଧ୍ରୁବ ଚରଣ ରାଉତଙ୍କ ଆଦର୍ଶ ଓ ବାପା ସ୍ୱର୍ଗତ ତ୍ରିନାଥ ରାଉତଙ୍କ ସୁପୁତ୍ର ସଂଜୀବ ରାଉତ ଅନୁପ୍ରାଣୀତ ହୋଇ ରାଜନୀତିକୁ ଆସିଥିଲେ । ୧୯୯୧ ମସିହାରେ ମହାକାଳପଡ଼ା କଲେଜର ଛାତ୍ର ସଂସଦର ସଭାପତି ପରେ ବଡ଼କୂଳ ସମବାୟ ସମିତିର ସଭାପତି ହୋଇଥିଲେ । ବର୍ତ୍ତମାନ ଷ୍ଟାଟସ୍ ଇଣ୍ଡିଆ ନାମକ ଶ୍ରମିକ ସଂଗଠନର ସଭାପତି ଦାୟିତ୍ୱରେ ଅଛନ୍ତି । ତାଙ୍କର ନିଯୁକ୍ତି ପାଇଁ ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ କିଷାନ କଂଗ୍ରେସ ସେଲ୍‌ର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଓ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଲୋକନାଥ ମହାରଥୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜିଲ୍ଲାରେ ଥିବା ଚାଷୀ ସମସ୍ୟା, ବିଭିନ୍ନ କେନାଲ୍ ଓ ଯୋର ଗୁଡ଼ିକର ପୁନରୁଦ୍ଧାର, ଚାଷୀକୁ ଉପଯୁକ୍ତ ସହାୟକ ମୂଲ୍ୟ ପ୍ରଦାନ ତଥା ଜଳସେଚନର ସୁବିଧା ପାଇଁ କାମ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପିଚୁ କାମ ନିମ୍ନମାନର ନେଇ ଅଭିଯୋଗ

ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ

ମହାକାଳପଡ଼ା ବ୍ଲକ ଗୋଜାବନ୍ଧ ଠାରୁ ବରକନ୍ଦା ପର୍ଯ୍ୟ

30 YEARS
ସମୟ କଳିକା
ଭୁବନେଶ୍ୱର,୦୫ ମଇ, ରବିବାର,୨୦୨୪

ବୁମରା ଅବଶିଷ୍ଟ ଆଇପିଏଲ ମ୍ୟାଚ ନ ଖେଳନ୍ତୁ: ୱାସିମ ଜାଫର

ମୁମ୍ବାଇ

କୋଲକାତା ନାଇଟ ରାଇଡର୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ୨୪ ରନରେ ପରାସ୍ତ କରିଥିଲା । ଏହି ପରାଜୟ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱ ମୁମ୍ବାଇ ଇଣ୍ଡିଆନ୍ସର ପ୍ଲେ ଅଫ ଖେଳିବାର ସ୍ୱପ୍ନ ଭାଙ୍ଗିଯାଇଛି । ଏଥି ସହିତ, ଏହି ମ୍ୟାଚ ପରେ ପୂର୍ବତନ ଭାରତୀୟ କ୍ରିକେଟର ୱାସିମ ଜାଫର ଜସପ୍ରୀତ ବୁମ୍ରାଙ୍କୁ ନେଇ ବୟାନ ଦେଇଛନ୍ତି । ବାସ୍ତବରେ ଜସପ୍ରୀତ ବୁମ୍ରା କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଏକ ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିଲେ। ଏହି ବୋଲର ୩.୫ ଓଭରରେ ୧୮ ରନରେ ୩ଟି ୱିକେଟ ନେଇଥିଲେ। ବର୍ତ୍ତମାନ ଜସପ୍ରୀତ ବୁମ୍ରା ୧୧ଟି ମ୍ୟାଚରେ ୧୭ ୱିକେଟ ନେଇ ବାଇଗଣୀ କ୍ୟାପ ଦୌଡ଼ରେ ଆଗୁଆ ଅଛନ୍ତି ।

କିନ୍ତୁ ପୂର୍ବତନ ଭାରତୀୟ କ୍ରିକେଟର ୱାସିମ ଜାଫର କହିଛନ୍ତି ଯେ ଜସପ୍ରୀତ ବୁମ୍ରା ଏହି ସିଜିନର ଆଗାମୀ ମ୍ୟାଚଗୁଡିକ ଖେଳିବା ଉଚିତ ନୁହେଁ। ୱାସିମ ଜାଫର କହିଛନ୍ତି ଯେ ଯେହେତୁ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ ଦୌଡ଼ରୁ ବାଦ ପଡିଛି ତେଣୁ ଜସପ୍ରୀତ ବୁମ୍ରା ଆଗାମୀ ମ୍ୟାଚଗୁଡିକ ଖେଳିବା ଉଚିତ ନୁହେଁ, କାରଣ ଏହି ଟିମ ଇଣ୍ଡିଆ ଟି -୨୦ ବିଶ୍ୱକପରେ ଖେଳିବ। ଯଦି ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଜସପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦିଆଯାଏ, ତେବେ ଟି -୨୦ ବିଶ୍ୱକପରେ ଟିମ ଇଣ୍ଡିଆ ଉପକୃତ ହେବ । ବାସ୍ତବରେ ଯେହେତୁ ପ୍ଲେ ଅଫ ଖେଳିବାର ସ୍ୱପ୍ନ ମୁମ୍ବାଇ ଇଣ୍ଡିଆନ୍ସର ଧ୍ୱଂସ ହୋଇଯାଇଛି, ତେଣୁ ୱାସିମ ଜାଫର ଚାହୁଁଛନ୍ତି ଯେ ଜସପ୍ରୀତ ବୁମରା ବିଶ୍ରାମ ନିଅନ୍ତୁ। ସୂଚନା ଥାଉ କି ଯେ ଏହି ସିଜିନରେ ଜସପ୍ରୀତ ବୁମ୍ରାଙ୍କ ପ୍ରଦର୍ଶନ ପ୍ରଶଂସନୀୟ।

ଅଦ୍ୟାବଧି ଏହି ମୁମ୍ବାଇ ଇଣ୍ଡିଆନ୍ସ ବୋଲର ୧୧ଟି ମ୍ୟାଚରେ ହାରାହାରି ୧୬.୧୨ରେ ୧୭ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ତାଙ୍କ ଶିକାର କରିଛନ୍ତି। ତେବେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ନିରାଶାଜନକ ରହିଛି । ୧୧ ଟି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୬ ପଏଣ୍ଟ ପାଇଛି। ଏପର୍ଯ୍ୟନ୍ତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୩ଟି ମ୍ୟାଚ ଜିତିଥିବାବେଳେ ୮ଟି ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଛି।

ଇମ୍ପାକ୍ଟ ଖେଳାଳି ଭାବେ କାହିଁକି ଖେଳିଲେ ରୋହିତ

ମୁମ୍ବାଇ

କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ରୋହିତ ଶର୍ମା ପଡ଼ିଆକୁ ଇମ୍ପାକ୍ଟ ଖେଳାଳି ଭାବେ ଆସିଥିଲେ। ଏହି ମ୍ୟାଚରେ ୧୧ ରନ ସ୍କୋର କରିବା ପରେ ସେ ଆଉଟ ହୋଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସକୁ ୨୪ ରନରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟସ୍ ସମୟରେ ରୋହିତଙ୍କ ବିଷୟରେ ଏକ ପ୍ରଶ୍ନ ପଚରାଯାଇଥିଲା। କିନ୍ତୁ ସେ ସ୍ପଷ୍ଟ ଉତ୍ତର ଦେଇନଥିଲେ । ତେବେ ଏମଆଇର ପିୟୁଷ ଚାୱଲାଙ୍କ ଏନେଇ ପ୍ରତିକ୍ରିୟା ଦେଇଛନ୍ତି । ମ୍ୟାଚ ପରେ ରୋହିତ କାହିଁକି ଇମ୍ପାକ୍ଟ ପ୍ଲେୟାର ଭାବରେ ଖେଳିଲେ ବୋଲି ସେ କହିଛନ୍ତି । ରୋହିତ କେକେଆର ବିପକ୍ଷରେ ଖେଳୁଥିବା ଏକାଦଶ ଟିମରେ ନଥିଲେ। ସେ ଜଣେ ଇମ୍ପାକ୍ଟ ଖେଳାଳି ଭାବରେ ଖେଳିଥିଲେ। ଇଣ୍ଡିଆ ଟୁଡେରେ ପ୍ରକାଶିତ ଖବର ଅନୁଯାୟୀ ପୀୟୁଷ ଚାୱଲା କହିଛନ୍ତି

ଯେ ତାଙ୍କ ପିଠିରେ ସମସ୍ୟା ଥିଲା। ଏହି କାରଣରୁ, ରୋହିତଙ୍କୁ ଫିଲ୍ଡିଂ ପାଇଁ ପଠାଯାଇ ନଥିଲା। ଯାହା ଦ୍ୱାରା ସେ କିଛି ବିଶ୍ରାମ ନେଇପାରନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଡାକ୍ତରୀ ଦଳ ଏ ସମ୍ପର୍କରେ କୌଣସି ବିପଦ ନେବାକୁ ଚାହୁଁନଥିଲେ।

ଆଇପିଏଲ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସର ଖରାପ ପ୍ରଦର୍ଶନ ହୋଇଛି। ରୋହିତଙ୍କ ବିଷୟରେ କହିବାକୁ ଗଲେ ସେ କିଛି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ବର୍ତ୍ତମାନ ତାଙ୍କ ପିଠି ସମସ୍ୟା ଦଳର ଟେନସନକୁ ବଢ଼ାଇପାରେ। ବର୍ତ୍ତମାନ ରୋହିତଙ୍କ ଫିଟନେସ ସମ୍ପର୍କରେ କୌଣସି ଅଧିକାରିକ ସୂଚନା ପ୍ରକାଶ ପାଇନାହିଁ । ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ମ୍ୟାଚ ସନରାଇଜର୍ସ ହାଇଦ୍ରାବାଦ ସହିତ ଅଛି । ଏହି ମ୍ୟାଚ ମେ ୬ରେ ଖେଳାଯିବ । ମୁମ୍ବାଇରେ ବର୍ତ୍ତମାନ ତିନୋଟି ମ୍ୟାଚ ବାକି ଅଛି। ହାଇଦ୍ରାବାଦ ପରେ ସେମାନେ ପୁଣି କୋଲକାତାକୁ ଭେଟିବେ । ଏହି ମ୍ୟାଚ ମେ ୧୧ରେ ଖେଳାଯିବ । ଏହା ପରେ ମୁମ୍ବାଇ ଏବଂ ଲଖନଉ ମଧ୍ୟରେ ମ୍ୟାଚ ଖେଳାଯିବ। ଏହି ମ୍ୟାଚ ମେ ୧୭ରେ ଅନୁଷ୍ଠିତ ହେବ। ମୁମ୍ବାଇ ଆଇପିଏଲ ୨୦୨୪ରେ ଏପର୍ଯ୍ୟନ୍ତ ୧୧ ଟି ମ୍ୟାଚ ଖେଳିଛି ଏବଂ ଏହି ସମୟ ମଧ୍ୟରେ ମାତ୍ର ୩ଟି ମ୍ୟାଚ ଜିତିଛି।

୧୦ରୁ ଝାରପଡାରେ ୩ ଦିନିଆ କେସିସି ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଆଜକୁ କ୍ରିଷ୍ଣା କ୍ରିକେଟ କ୍ଲବ୍, ଝାରପଡା ତରଫରୁ ବିଗତ ୮ ବର୍ଷ ଧରି ରାଜଧାନୀରେ ଯୁବବର୍ଗଙ୍କ ମଧ୍ୟରେ କ୍ରିକେଟ ଖେଳ ମାଧ୍ୟମରେ ଭାଇଚାରା ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ପାଇଁ ଶୃଙ୍ଖଳାର ସହ ଦିବାରାତ୍ର କ୍ରିକେଟ ମ୍ୟାଚ ଆୟୋଜନ କରି ଆଦୃତି ଲାଭ କରିଛି । ଏହି ଧାରାକୁ ବଜାୟ ରଖି ଚଳିତ ବର୍ଷ ଆସନ୍ତା ୧୦ ମଇ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ୩ଦିନିଆ ଦିବାରାତ୍ର କ୍ରିକୋଟ ଶୃଙ୍ଖଳା ଝାରପଡା ସ୍ଥିତ କେସିସି ଗ୍ରାଉଣ୍ଡରେ ଆୟୋଜିକ ହେବ ବୋଲି କ୍ଲବର ସଭାପତି ପ୍ରକାଶ କୁମାର ଜେନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲାର ମୋଟ ୧୬ଟି ପ୍ରତିଷ୍ଠିତ ଟିମ ଭାଗ ନେଉଛନ୍ତି । ୱିନରସ ଟିମକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ଏବଂ ରନର୍ସ ଅପ ଟିମକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଉପ ସଭାପତି ଗୌରୀଶଙ୍କର ପ୍ରଧାନ ସୂଚନା ଦେଇଛନ୍ତି । ଏହା ସହିତ ପ୍ରତ୍ୟକ ଦିନ ମ୍ୟାନ ଅଫ ଦ ମ୍ୟାଚ ଖେଳାଳୀଙ୍କୁ ୫ ହଜାର ଟଙ୍କା ଆକର୍ଷଣୀୟ ଉପହାର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଦସ୍ୟ ଚନ୍ଦନ ମାର୍ଥା, ପଙ୍କଜ କୁମାର ଦାସ, ସୌରଭ ପାତ୍ର, ନିହାର ସାହୁ, ପ୍ରମୋଦ ବିଶ୍ୱାଳ, ପ୍ରବୋଧ ସୁନ୍ଦରାୟ, ସିଲୁ ମାର୍ଥା, ସଙ୍କରାମ ଦାସ, ଆଦିତ୍ୟ ପୂଜାରି, ସୁବ୍ରତ ପାଣିଗ୍ରାହୀ, ସୁଭକାନ୍ତ ବିଶ୍ୱାଳ, ବିକରମ କୁମାର ଦାସ ଅଖୟ ଦାସ ଓ ଆଦିତ୍ୟ ସ୍ୱାଇଁ ପ୍ରମୁଖ ଇପସ୍ଥିତ ଥିଲେ ।

ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର କ'ଣ ରହିଛି ସାମର୍ଥ୍ୟ ଓ ଦୁର୍ବଳତା

ନୂଆଦିଲ୍ଲୀ

ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ୧୫ ଜଣିଆ ପୂର୍ଣ୍ଣ ସାମର୍ଥ୍ୟ ବିଶିଷ୍ଟ ଦଳ ଘୋଷଣା କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଟି-୨୦ ସ୍ପେଶାଲିଷ୍ଟ ତଥା ଯୁବ ବ୍ୟାଟର ରିଙ୍କୁ ସିଂ, ଅଭିଜ୍ଞ ୱିକେଟ ରକ୍ଷକ। ବ୍ୟାଟର ଲୋକେଶ ରାହୁଲଙ୍କୁ ସ୍ଥାନ ମିଳିନାହିଁ। ଅନ୍ୟପଟେ ୱିକେଟରକ୍ଷକ ବ୍ୟାଟର ସଞ୍ଜୁ ସାମସନ ଓ ଦ୍ରୁତ ବୋଲିଂ ଅଲରାଉଣ୍ଡର ଶିବମ୍ ଦୁବେ ଓ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ନିଆଯାଇଛି । ଭଲ ପ୍ରଦଶର୍ନକୁ ପାଥେୟ କରି ଏହି ଖେଳାଳିମାନଙ୍କୁ ଦଳରେ ନିଆଯାଇଛି। ଦଳ ଚୟନ ନେଇ କ୍ରିକେଟ ପଣ୍ଡିତ ଓ ପ୍ରଶଂସକ ମାନେ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଦଳରେ ୬ ବ୍ୟାଟର, ୫ ବୋଲର ଓ ୪ଜଣ ଅଲରାଉଣ୍ଡରଙ୍କୁ ସ୍ଥାନ ମିଳିଛି। ବ୍ୟାଟିଂରେ ଦମ୍ ଥିବା ମନେ ହେଉଥିଲେ ମଧ୍ୟ ଭାରତର ବୋଲିଂ ବିଭାଗ ସେତେଟା ପ୍ରଭାବୀ ମନେ ହେଉ ନାହିଁ। ଯଶପ୍ରୀତ ବୁମ୍ରାଙ୍କୁ ସହଯୋଗ କରିବାକୁ ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଭଳି ଦ୍ରୁତ

ବୋଲରଙ୍କୁ ସାମିଲ କରାଯାଇଛି । କିନ୍ତୁ ଏହି ଦୁଇ ବୋଲର ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି କେତେକ ମନେ କରୁନାହାନ୍ତି । ଘୋଷିତ ଭାରତୀୟ ଦଳର ସାମର୍ଥ୍ୟ ଓ ଦୁର୍ବଳତା ନେଇ ଆଲୋଚନା କରିବା।

ଯଶପ୍ରୀତ ବୁମ୍ରା ଓ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଟି-୨୦ ଫର୍ମାଟର ଶ୍ରେଷ୍ଠ ବୋଲର ଓ ବ୍ୟାଟର ବିବେଚିତ ହେଉଛନ୍ତି । ଟି-୨୦ ମାନ୍ୟତାରେ ସୂର୍ଯ୍ୟ ନଂ ୧ ସ୍ଥାନରେ ରହିଛନ୍ତି। ସେହିପରି ଏହି ଫର୍ମାଟ୍‌ରେ ବୁମ୍ରା ବିଶ୍ୱ ସବୁଠାରୁ ପ୍ରଭାବୀ ଦ୍ରୁତ ବୋଲର ବିବେଚିତ ହେଉଛନ୍ତି। ଚାଇନାମ୍ୟାନ ସ୍ପିନର ଯୁଜବେନ୍ଦ୍ର ଚହଲ ଟି-୨୦ରେ ଅନ୍ୟତମ ଶ୍ରେଷ୍ଠ ସ୍ପିନର ବିବେଚିତ ହେଉଛନ୍ତି।

୪ ଅଲରାଉଣ୍ଡର ଦଳରେ ସନ୍ତୁଳନକୁ ଦୃଢ଼ କରିଛନ୍ତି।

ଉପ- ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ଭଳି ବିଶ୍ୱସ୍ତରୀୟ ଅଲରାଉଣ୍ଡର ଦଳରେ ସନ୍ତୁଳନ ଆଣିବା ସହ ଶକ୍ତି ବୃଦ୍ଧି କରିଛନ୍ତି । ଅନ୍ତିମ ଏକାଦଶରେ ଏମାନଙ୍କ ମଧ୍ୟରୁ ୩ଜଣ ସାମିଲ ହେଲେ। ଅଧିନାୟକ ରୋହିତଙ୍କୁ ବୋଲିଂ ଓ ବ୍ୟାଟିଂରେ ଅଧିକ ବିକଳ୍ପ ମିଳିପାରିବ।

ଆଶା ସଞ୍ଚାର କରିଛି ୭ ବ୍ୟାଟରଙ୍କ ଷ୍ଟ୍ରାଇକ୍‌ରେଟ୍

ଦଳରେ ୬ଜଣ କ୍ୱାଲିଟି ବ୍ୟାଟର ଓ ୪ ଜଣ ଅଲରାଉଣ୍ଡର ସାମିଲ ରହିଛନ୍ତି। ଦଳର ୭ ବ୍ୟାଟରଙ୍କ ଷ୍ଟ୍ରାଇକ୍‌ରେଟ୍ ଗତ ଦୁଇବର୍ଷ ମଧ୍ୟରେ ୧୪୦ରୁ ଅଧିକ ରହିଛି । ଏହା ହିଁ ଦଳର ମୁଖ୍ୟ ତାକତ୍ ବା ସାମର୍ଥ୍ୟ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ, ଜାଡେଜା, ଋଷଭ ପନ୍ତଙ୍କ ଷ୍ଟ୍ରାଇକରେଟ୍ କମ୍ ରହିଥିବା ବେଳେ ଅନ୍ୟମାନଙ୍କର ଅଧିକ ରହିଛି।

ଦଳର ଦୁର୍ବଳତା

ପାର୍ଟଟାଇମ ବୋଲର ନାହାନ୍ତି

ଦଳରେ ୪ ବ୍ୟାଟର ଓ ଦୁଇଜଣ ୱିକେଟ ରକ୍ଷକ ରହିଛନ୍ତି। ୪ଜଣ ବ୍ୟାଟରଙ୍କ ମଧ୍ୟରୁ ଜଣେ ମଧ୍ୟ ପାର୍ଟଟାଇମ ବୋଲିଂ କରିପାରୁନାହାନ୍ତି। ଯଶସ୍ୱୀ ଜୟସ୍ୱାଲ, କୋହଲି ଓ ରୋହିତ ଗତ କିଛିବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିନାହାନ୍ତି । କିନ୍ତୁ ଗତଥରର ଚାମ୍ପିଅନ ଇଂଲଣ୍ଡ ଦଳରେ ୭ ଅଲରାଉଣ୍ଡର ସାମିଲ ରହିଛନ୍ତି।

ଇନ୍-ଫର୍ମ ଫିନିଶରଙ୍କ ଅଭାବ ରହିଛି।

ଦଳରେ ମହେନ୍ଦ୍ର ସିଂ ଧୋନିଙ୍କ ଭଳି ଇନଫର୍ମ ଫିନିଶରଙ୍କ ଅଭାବ ରହିଛି । ପନ୍ତ, ହାର୍ଦ୍ଦିକ, ଦୁବେ, ଅକ୍ଷର ଓ ଜାଡେଜାଙ୍କ ମଧ୍ୟରୁ ୩ କିମ୍ବା ୪ଜଣ ଫିନିଶର ଭୂମିକାରେ ଅବତୀର୍ଣ୍ଣ ହେବେ। ବର୍ତ୍ତମାନ ଏମାନଙ୍କ ମଧ୍ୟରୁ କେବଳ ଦୁବେଙ୍କର ଷ୍ଟ୍ରାଇକ୍‌ରେଟ୍ ୧୭୦ରୁ ଅଧିକ ରହିଛି। ବାକି ୪ଜଣଙ୍କ ପ୍ରଦର୍ଶନ ଖାସ୍ ରହିନାହିଁ । ରିଙ୍କୁ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି ଓ ଏହାକୁ ନେଇ ଆଲୋଚନା ଚାଲିଛି। ସେ ୧୭୫ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି।

ଭାରତର ନିମ୍ନକ୍ରମ ବ୍ୟାଟିଂ ଅର୍ଡର ସବୁଠୁ ଦୁର୍ବଳ

ଭାରତର ନିମ୍ନକ୍ରମ ବ୍ୟାଟିଂ ଅର୍ଡର ସବୁଠୁ ମାମୁଲି ମନେ ହେଉଛି । ଯଦି ଜାଡେଜା ନଂ ୮ରେ ବ୍ୟାଟିଂ କରନ୍ତି ତେବେ କୁଲଦୀପ, ବୁମ୍ରା ଓ ଅର୍ଶଦୀପ ଯଥାକ୍ରମେ ୯, ୧୦ ଓ ୧୧ ନଂରେ ବ୍ୟାଟିଂ କରିବେ। ଏହି ୩ ଖେଳାଳିଙ୍କ ବ୍ୟାଟିଂ ଅତ୍ୟନ୍ତ ନିମ୍ନମାନର। ପୁଣି ଟି-୨୦ରେ ଜାଡେଜା ମନ୍ଥର ବ୍ୟାଟିଂ କରିଥାନ୍ତି ଓ ଗୋଟିଏ ଛକା ମାରିବାକୁ ୩୦ଟି ବଲ୍ ଖେଳିଥାନ୍ତି । ପୁଣି ଯଦି ଜାଡେଜା ନଂ ୭ରେ ବ୍ୟାଟିଂ କରନ୍ତି ତେବେ ୫ ଜଣ ନିମ୍ନକ୍ରମ ବ୍ୟାଟର ୧୨ ବଲରୁ ୨୫ ରନ କରିବା ଆଶା ବହୁତ କମ୍।

ଦ୍ରୁତ ବୋଲିଂରେ ବିକଳ୍ପର ଅଭାବ

ଦ୍ରୁତ ବୋଲିଂରେ ବୁମ୍ରାଙ୍କ ସହ ଅର୍ଶଦୀପ ଓ ମହମ୍ମଦ ସିରାଜଙ୍କ ଉପରେ ଗୁରୁ ଦାୟିତ୍ୱ ରହିଛି। ତେଣୁ ଦ୍ରୁତ ବୋଲିଂରେ ପାଣ୍ଡ୍ୟା ହିଁ ଏକମାତ୍ର ବିକଳ୍ପ କହିଲେ ଭୁଲ ହେବ ନାହିଁ । ଅର୍ଶଦୀପ, ପାଣ୍ଡ୍ୟା ଓ ସିରାଜଙ୍କ ଇକୋନୋମୀ ରେଟ୍ ୮ରୁ ଅଧିକ ରହିଛି । ସିରାଜ ଏପର୍ଯ୍ୟନ୍ତ ୧୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି । ଫଳରେ ବୁମ୍ରାଙ୍କୁ ଉପଯୁକ୍ତ ସହାୟତା ଦେବାକୁ ପ୍ରଭାବୀ ବୋଲରଙ୍କ ଅଭାବ ରହିବ।

ଜୁନ୍ ୨ରୁ ଆରମ୍ଭ ହେବ ବିଶ୍ୱକପ୍

ଆଗାମୀ ଜୁନ୍ ମାସ ୨ ତାରିଖରୁ ଟି-୨୦ ବିଶ୍ୱକପ୍‌ର ଏହି ୯ମ ସଂସ୍କରଣ ଆରମ୍ଭ ହୋଇ ୨୯ରେ ଶେଷ ହେବ। ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ୯ ତାରିଖରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ସେହିପରି ୧୨ରେ ଆମେରିକା ଓ ୧୫ରେ କାନାଡାକୁ ଭାରତ ଭେଟିବ।

ଟି-୨୦ ବିଶ୍ୱକପ୍: ଶ୍ରୀନାଥଙ୍କୁ ମିଳିଲା ପୁଣି ଗୁରୁଦାୟିତ୍ୱ

ଦୁବାଇ

ଆସନ୍ତା ମାସରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହେଉଥିବା ଟି ୨୦ କ୍ରିକେଟ ବିଶ୍ୱକପ୍‌ରେ ଆଇସିସି ମ୍ୟାଚ ରେଫରି ଜାଭାଗଲ ଶ୍ରୀନାଥଙ୍କ ସମେତ ଅମ୍ପାୟର ନୀତୀନ ମେନନ ଓ ଜୟରମଣ ମଦନଗୋପାଳ ଭାରତୀୟ ପ୍ରତିନିଧି ରହିବେ। ଜୁନ୍ ୧ରୁ ଆରମ୍ଭ ହେଉଥିବା ଇଭେଣ୍ଟ ଲାଗି ଆଇସିସି ଶୁକ୍ରବାର ୨୬ ଜଣିଆ ମ୍ୟାଚ ଅଫିସିଆଲ ତାଲିକା ପ୍ରକାଶ କରିଛି । ତନ୍ମଧ୍ୟରୁ ୨୦ ଅମ୍ପାୟର ୯ଟି ବିଭିନ୍ନ ଭେନ୍ୟୁରେ ୫୫ଟି ମ୍ୟାଚ ପରିଚାଳନା କରିବେ।

ସେମାନଙ୍କ ମଧ୍ୟରେ ରିଚାର୍ଡ ଇଲିଙ୍ଗୱର୍ଥ, କୁମାର ଧର୍ମସେନା, କ୍ରିସ୍ ଗାଫାନି ଓ ପଲ୍ ରିଫିଲ ରହିଛନ୍ତି । ମଦନଗୋପାଳଙ୍କ ବ୍ୟତୀତ ସାମ୍ ନୋଗାଜ୍‌କ୍ସି, ଆଲାହୁଦ୍ଦିନ ପାଲେକର, ରଶିଦ ରିଆଜ ଓ ଅସିଫ ୟାକୁବ ପ୍ରମୁଖ ଆଇସିସି ସିନିୟର ପୁରୁଷ ପ୍ରତିଯୋଗିତାରେ ସେମାନଙ୍କର ପ୍ରଥମ ପଦାର୍ପଣ କରିବେ। ଶ୍ରୀନାଥଙ୍କ ବ୍ୟତୀତ ୬ଜଣ ଜଣାଶୁଣା ରେଫରିଙ୍କ ମଧ୍ୟରେ ରଞ୍ଜନ ମଦୁଗାଲେ, ଜେଫ୍ କ୍ରୋ ଓ ଆଣ୍ଡ୍ରୁ ପାଇକ୍ରଫ୍ଟ ଅନ୍ୟତମ ରହିଛନ୍ତି । ଅଭିଜ୍ଞତା ତଥା ସ୍ଥିର ପ୍ରଦର୍ଶନ କରି ଆସୁଥିବା ମ୍ୟାଚ ଅଫିସିଆଲଙ୍କୁ ବିଶ୍ୱକପ୍ ପାଇଁ ମନୋନୀତ କରାଯାଇଥିବା ଆଇସିସି ଜେନେରାଲ ମ୍ୟାନେଜର ୱାସିମ୍ ଖାନ୍ ପ୍ରକାଶ କରିଛନ୍ତି।

ସଫେଇ ଦେଲେ ଚେସ ଚାମ୍ପିଅନ କାସପାରୋଭ

ନୂଆଦିଲ୍ଲୀ

ରୁଷିଆର ମହାନ ଚେସ ଖେଳାଳି ଗ୍ୟାରି କାସପାରୋଭ ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଷୟରେ ଏକ ସୋସିଆଲ ମିଡିଆ ପୋଷ୍ଟ କରିଥିଲେ ବର୍ତ୍ତମାନ ଏହି ପୋଷ୍ଟ ଭାଇରାଲ ହେବା ପରେ ଗ୍ୟାରି କାସପାରୋଭ ସ୍ପଷ୍ଟୀକରଣ ଦେଇଛନ୍ତି ଏବଂ କହିଛନ୍ତି ଯେ ସେ କେବଳ ଏକ ଛୋଟ ଥଟ୍ଟା କରିଛନ୍ତି ଏବଂ ସେ ଆଶା କରୁଛନ୍ତି ଯେ ଲୋକମାନେ ଏହାକୁ ପରିହାସ କରିବେ। ସୂଚନାଯୋଗ୍ୟ, ଗ୍ୟାରି କାସପାରୋଭ ରାହୁଲ ଗାନ୍ଧୀ ରାଏବରେଲି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏକ ପୋଷ୍ଟରେ ମନ୍ତବ୍ୟ ଦେଇଛନ୍ତି।

ନିକଟରେ କଂଗ୍ରେସ ରାହୁଲ ଗାନ୍ଧୀଙ୍କ ଏକ ଭିଡିଓ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଶେୟାର କରିଛି । ଏହି ଭିଡିଓରେ ରାହୁଲ ଗାନ୍ଧୀ ମୋବାଇଲରେ ଚେସ ଖେଳୁଥିବା ଦେଖିବାକୁ ମିଳିଥିଲା।

ଏହି ସମୟରେ ରାହୁଲ ଗାନ୍ଧୀ ତାଙ୍କର ପ୍ରିୟ ଚେସ ଖେଳାଳି ଗ୍ୟାରି କାସପାରୋଭଙ୍କୁ କହିଥିଲେ ଏବଂ ଚେସ ଏବଂ ରାଜନୀତିର ଖେଳ ମଧ୍ୟ ତୁଳନା କରିଥିଲେ। ରାହୁଲ ଗାନ୍ଧୀ କହିଛନ୍ତି ଯେ ଯେତେବେଳେ ତୁମେ ରାଜନୀତିରେ ଏବଂ ଚେସ ଖେଳରେ ଉତ୍ତମ ହୁଅ, ବିରୋଧୀଙ୍କ ମୋହର ଗୁଡିକ ମଧ୍ୟ ତୁମର ମୋହର ପରି କାମ କରେ।

ସୋସିଆଲ ମିଡିଆରେ ଜଣେ ଉପଭୋକ୍ତା ଥଟ୍ଟା କରି ଲେଖିଛନ୍ତି, ଗ୍ୟାରି କାସପାରୋଭ ଏବଂ ବିଶ୍ୱନାଥ ଆନନ୍ଦ ଶୀଘ୍ର ଅବସର ନେଇଛନ୍ତି ଏବଂ ଆମ ସମୟର ସର୍ବଶ୍ରେଷ୍ଠ ଚେସ ପ୍ରତିଭାକୁ ସାମ୍ନା କରିବାକୁ ପଡିବ ନାହିଁ ବୋଲି ମୁଁ ଅତ୍ୟନ୍ତ ଆରାମ ଅନୁଭବ କର

30 YEARS
ସମୟ କହିଲା
ଭୁବନେଶ୍ୱର, ୦୫ ମଇ ୨୦୨୪ ରବିବାର

ବିଜେଡ଼ିରେ ଯୋଗଦେଲେ ବଡଚଣା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ଏବଂ ବିଜେପି ନେତା ଓ କର୍ମୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଯାଜପୁର ଜିଲ୍ଲା ଅନ୍ତର୍ଗତ ବଡଚଣା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ, ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବିଜେଡି ସାଧାରଣ ସମ୍ପାଦକ ତଥା ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ଲେଙ୍କା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ବଡଚଣା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଲେଙ୍କା କହିଥିଲେ । ବିଜେଡିରେ ମିଶିଛନ୍ତି

ପୂର୍ବତନ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାପତି ଶ୍ରୀମତିନୀ ଜେନା, ରାଜ୍ୟ ବିଜେପିର କାଉନସିଲ ସଦସ୍ୟ ରମାକାନ୍ତ ରାଉତ, ବିଜେପି ଜିଲ୍ଲା କମିଟି ସଦସ୍ୟ ପ୍ରଦୀପ୍ତ ଜେନା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସେବତୀ ଜେନା ଆଦି ପ୍ରମୁଖ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ କର୍ମୀମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ସରପଞ୍ଚ ରମେଶ ପୁଷ୍ଟି, ଅନନ୍ତ ଚରଣ ଶେଣ୍ଠ, ଧୂଳେଶ୍ୱର ଦାସ, ମନୋଜ ରାୟ, ଅମ୍ବୁଜା ରାଉତ, ବିଷ୍ଣୁପ୍ରିୟା ରାୟ, କେଶବ ଦାସ, ନିହାର ରଂଜନ ସାମଲ ଓ ଅରବିନ୍ଦ ସାମଲଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

କମିଶନରେଟ ପୋଲିସ ପକ୍ଷରୁ ଇଟାଭାଟି ପ୍ରବାସୀ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାରଙ୍ଗ, ନ୍ୟୁଜ ବ୍ୟୁରୋ

ବାରଙ୍ଗ ମଧୁସୂଦନପୁର ଠାରେ କମିଶନରେଟ ପୋଲିସ, ଏଡ଼ ଏଟ୍ ଆକ୍ସନ ଏବଂ ସିରିଡ଼ି ଓ ସୋନୁ ଇଟାଭାଟି ମାଲିକଙ୍କ ପକ୍ଷରୁ ପ୍ରବାସୀ ଶିଶୁ ଓ ମହିଳାଙ୍କ ନିମନ୍ତେ ଏକ ବୃହତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କଟକ ପୋଲିସ କମିଶନର ସଂଜୀବ ପଣ୍ଡା, କଟକ ଡ଼ିସିପି ପ୍ରକାଶ ଆର, ଅତିରିକ୍ତ ଡିସିପି ତଥା କମିଶନର ରେଡ଼କ୍ରସ ସମ୍ପାଦକ ଲଳିତେନ୍ଦୁ ମହାନ୍ତି, ଏସିପି ଉମାକାନ୍ତ ପ୍ରଧାନ, ଏସିପି ଅଞ୍ଜନା ସୋରେନ୍, କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲିକ, ବାରଙ୍ଗ ଥାନା ଅଧିକାରୀ

ବିଶ୍ୱରଞ୍ଜନ ନାୟକଙ୍କ ସମେତ ଅନ୍ୟାନ୍ୟ ପୋଲିସ ପଦାଧିକାରୀ ଉପସ୍ଥିତ ରହିଥିଲେ । ତେବେ ଇଟା ଭାଟିରେ କାର୍ଯ୍ୟ କରୁଥିବା ପ୍ରବାସୀ ମହିଳାମାନେ କିଭଳି ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ରିଜର୍ଭ ପୋଲିସର ଡ଼ାକ୍ତରୀ ଟିମ୍ ଓ ହାଇଟେକ ମେଡିକାଲ ଟିମ୍ ମିଳିତ ଭାବେ ଯୋଗଦେଇ ପ୍ରବାସୀ ଶିଶୁ ଓ ମହିଳାମାନଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ଦୁଇଶହରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା । ତେବେ ହାତ ପାହାନ୍ତାରେ ଏଭଳି ସୁବିଧା ଯୋଗାଇ ଦେଇଥିବାରୁ ପ୍ରବାସୀ ଶ୍ରମିକମାନେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପପିନ ମହାପାତ୍ର, ବିଜୟ କୁମାର ପଣ୍ଡା, ପ୍ରକାଶ ଚନ୍ଦ୍ର ପାଣି, ଏଡ ଏଟ୍ ଆକ୍ସନର ନିର୍ଦ୍ଦେଶକ ଉମି ଡାନିଏଲ, କାର୍ଯ୍ୟକ୍ରମ ପରିଚାଳକ ସରୋଜ ବାରିକ ଓ ସଂଯୋଜକ ବିପକ ରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଶ୍ୱର ସର୍ବବୃହତ...

ଇସ୍ରାଏଲର ଗଣମାଧ୍ୟମ ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ । ମେ ୪ ତାରିଖ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦେଶୀ ନିର୍ବାଚନ ପରିଚାଳନା ସଂସ୍ଥା (ଇଏମବି)ଗୁଡ଼ିକୁ ଭାରତର ନିର୍ବାଚନ ବ୍ୟବସ୍ଥାର ସୂକ୍ଷ୍ମତା ଏବଂ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଦ୍ୱାରା ବ୍ୟବହୃତ ସର୍ବୋତ୍ତମ ପ୍ରଥା ବିଷୟରେ ଅବଗତ କରାଇବାକୁ ପ୍ରୟାସ କରାଯାଉଛି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଡ. ସୁଖବୀର ସିଂ ସାନ୍ଧୁ ୫ ତାରିଖ ରବିବାର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ପ୍ରତିନିଧିମାନେ ୬ଟି ରାଜ୍ୟ ମହାରାଷ୍ଟ୍ର, ଗୋଆ, ଗୁଜୁରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଗସ୍ତ କରି ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଓ ଆନୁସଙ୍ଗିକ ପ୍ରସ୍ତୁତି ଅନୁଧ୍ୟାନ କରିବେ । ଏହି କାର୍ଯ୍ୟକ୍ରମ ୨୦୨୪ ମେ' ୯ ତାରିଖରେ ଶେଷ ହେବ ।

ଭାରତର କିଛି ...

ନେପାଳର ଏଭଳି କାମକୁ କୃତ୍ରିମ ବିସ୍ତାର ଏବଂ ସରକାରଙ୍କ ଅସ୍ଥିରତା ବୋଲି ଭାରତ କହିଛି । ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦ ବୈଠକ ବସିଥିଲା । ଏହି ବୈଠକରେ ନେପାଳର ନୂଆ ନକ୍ସା ଛପାଯିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକରେ ଲିପୁଲେଖ, ଲିମ୍ପିୟାଧୁରା ଏବଂ କଳାପାଣିକୁ ୧୦୦ ଟଙ୍କିଆ ନୋଟରେ ସାମିଲ କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ସୂଚନା ଏବଂ ଦୂରସଞ୍ଚାର ମନ୍ତ୍ରୀ ରେଖା ଶର୍ମା କହିଛନ୍ତି, ଗତ ଏପ୍ରିଲ ୨୫ ଏବଂ ମେ ୨ରେ ନେପାଳ ସରକାରଙ୍କ କ୍ୟାବିନେଟ ବୈଠକ ବସିଥିଲା । ଏହି ବୈଠକରେ ୧୦୦ ଟଙ୍କିଆ ନୋଟକୁ ପୁନର୍ବାର ଡିଜାଇନ କରିବା ସହିତ ଏହା ପଛପଟେ ଛପାଯାଇଥିବା ପୁରୁଣା ମାନଚିତ୍ରକୁ ବଦଳାଇବା ପାଇଁ ଅନୁମତି ଦେଇଥିଲା ।

ବିରୋଧୀ ଦଳ...

ନବୀନଙ୍କ କଥା କମ୍, କାମ ବେଶୀ ହେଉଛି ତାଙ୍କର ନିଜସ୍ୱ ଷ୍ଟାଇଲ । ଶନିବାର ସେହି ଷ୍ଟାଇଲରେ ମୁଖ୍ୟମନ୍ତ୍ରୀ ମାତ୍ର ଗୋଟିଏ ମିନିଟ୍‌ରେ ତାଙ୍କର ପ୍ରଶ୍ନର ଶେଷ କରିଥିଲେ । ଲୋକଙ୍କୁ କାମର ହିସାବ ଦେଲେ ଓ ମତାମତ ଲୋଡିଲେ । ଉପସ୍ଥିତ ବିଶାଳ ଜନସମୁଦ୍ରର ହର୍ଷୋଲ୍ଲାସ ଓ କରତାଳି ମଧ୍ୟରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ ୭ଟି ପ୍ରଶ୍ନ । ଆମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଚାଲିଛି ? ମମତା ଯୋଜନା ଭଲ ଚାଲିଛି ? ମିଶନ ଶକ୍ତି, ନୂଆ-ଓ ସ୍କଲାରସିପ୍, କାଳିଆ ଯୋଜନା, ପୁରୀ ପରିକ୍ରମା ପ୍ରକଳ୍ପ ଆଦି ସବୁ କାମ ଭଲ ଚାଲିଛି ବୋଲି ପଚାରିଥିଲେ ମୁଖ୍ୟମନ୍ତ୍ରୀ । ପ୍ରତି ପ୍ରଶ୍ନରେ ଜନତାଙ୍କ ଉତ୍ତର 'ହଁ ' ବହୁତ ଭଲ ଚାଲିଛିରେ ସଭାସ୍ଥଳୀ ପ୍ରତିଧ୍ୱନିତ ହୋଇଥିଲା । ସମସ୍ତେ ବହୁତ ଖୁସି ଓ ଉତ୍ସାହିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଦେଖି ସେମାନଙ୍କର ଆନନ୍ଦ ସ୍ପଷ୍ଟ ପରିଲକ୍ଷିତ ହେଉଥିଲା । ଏହି ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ମୃଦୁ ସମାଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀ ଦଳ ମାନେ ମିଛ କଥା କହୁଛନ୍ତି, ଅପପ୍ରଚାର କରୁଛନ୍ତି । ଆପଣମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନଙ୍କୁ ଜିତାନ୍ତୁ । ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଲୋକଙ୍କୁ ପଚାରିଥିଲେ କୋରାପୁଟ ମେଡିକାଲ କଲେଜ କିଏ କରିଛି ? ଗୁପ୍ତେଶ୍ୱର ମନ୍ଦିର ରୂପାନ୍ତର କିଏ କରିଛି ? କୋରାପୁଟ ଜଗନ୍ନାଥ ମନ୍ଦିରର ରୂପାନ୍ତର କିଏ କରିଛି ? କୋରାପୁଟରେ ଚର୍ଚ୍ଚର ରୂପାନ୍ତର କିଏ କରିଛି ? ବଡ ବଡ ସେତୁ, ନୂଆ-ଓ ସ୍କଲାରସିପ, ମିଶନ ଶକ୍ତି, କାଳିଆ, ମମତା ଆଦି ଯୋଜନା କିଏ କରିଛି ? ସବୁର ଉତ୍ତର ଆସିଥିଲା ନବୀନ ପଟ୍ଟନାୟକ । ଏହାପରେ ଶ୍ରୀ ପାଣ୍ଡିଆନ କହିଥିଲେ ନବୀନ ପଟ୍ଟନାୟକ ଆପଣଙ୍କ ପାଇଁ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି, ଆପଣମାନେ ତାଙ୍କୁ ଆଶୀର୍ବାଦ କରନ୍ତୁ, ଯୋଡି ଶଙ୍ଖରେ ଭୋଟ ଦିଅନ୍ତୁ । ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କା କହିଥିଲେ ଯେ ବିଜୁ ବାବୁ ମା'ମାନଙ୍କ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାକୁ ଆମର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି । ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନ ହୋଇ ସବୁ ବର୍ଗର ସଶକ୍ତି କରଣ କରୁଛି ବୋଲି ସେ କହିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ବିଧାନସଭା ପ୍ରାର୍ଥୀ ପ୍ରଭୁ ଜାନି, ପଟାଙ୍ଗୀ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀ, ଜୟପୁର ବିଧାନସଭା ପ୍ରାର୍ଥୀ ଇନ୍ଦିରା ନନ୍ଦ ଓ କୋରାପୁଟ ବିଧାନସଭା ପ୍ରାର୍ଥୀ ରଘୁରାମ ପଡ଼ାଲ ପ୍ରମୁଖ ନିର୍ବାଚନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ ।

ବାୟୁସେନାର କନଭୟ..

ପାଇଁ ଏତେବଡ଼ ଆତଙ୍କୀ ହମଲା ହୋଇଛି । ଗତବର୍ଷ ଏଠାରେ ଏକାଧିକ ଆତଙ୍କୀ ହମଲା ହୋଇଥିଲା ।

ଘଟଣା ସ୍ଥଳରୁ ଆସିଥିବା ଫଟୋ ମଧ୍ୟ ବିଚଳିତ କରୁଛି । କାରଣ ଆତଙ୍କବାଦୀଙ୍କ ଗୁଳିରେ ଯବାନଙ୍କ ଭ୍ୟାନରେ ଏକାଧିକ ଗୁଳିମାଡ଼ର ଚିହ୍ନ ରହିଛି । ସେନା ପକ୍ଷରୁ କୁହାଯାଇଛି ଯେ ଭାରତୀୟ ବାୟୁସେନାର କନଭୟ ଉପରେ ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପୁଞ୍ଚରେ ହମଲା କରିଛି ।

ସ୍ଥାନୀୟ ରାଷ୍ଟ୍ରୀୟ ରାଇଫଲ ୟୁନିଟ ଖବର ପାଇ ପୂରା ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । କିଛି ଯବାନ ଆହତ ହୋଇଥିବା ବେଳେ ଏବେ ବି ଗୁଳି ବିନିମୟ ଚାଲିଛି । ଆହତ ଯବାନମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

୪ ଲୋକସଭା...

ନିର୍ବାଚନ ପାଇଁ ଲୋକଙ୍କ ଠାରୁ ଆଦାୟ କରାଯାଇଥିବା ଟଙ୍କାକୁ ବିଭିନ୍ନ ବ୍ୟାଙ୍କ ଖାତାରେ ରଖିଛନ୍ତି ସେ ।

ଏହାଛଡ଼ା ୭ ପ୍ରାର୍ଥୀଙ୍କ ନାଁରେ ଅପରାଧିକ ମାମଲା ରହିଥିବା ବେଳେ ୬ ଜଣଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଠକେଇ ଓ ଲାଞ୍ଚ ନେବା ମାମଲା ରହିଛି । ଏଣେ ୩ ପ୍ରାର୍ଥୀ ଦଶମ ପାସ କରି ନାହାନ୍ତି ଓ ଜଣେ ସ୍କୁଲ ମାଡ଼ି ନଥିବା ଜଣାଯାଇଛି । ୭ ଜଣ ଦଶମ, ୫ ଜଣ ଦ୍ୱାଦଶ, ୧୦ ସ୍ନାତକ ଓ ୨ ଡକ୍ଟରେଟ ପାସ ଥିବା ପ୍ରାର୍ଥୀ ଅଛନ୍ତି । ପ୍ରଥମ ପର୍ଯ୍ୟାୟରେ ମୋଟ ପ୍ରାର୍ଥୀମାନଙ୍କ ଭିତରୁ ୧୯ ପ୍ରତିଶତ ଅର୍ଥାତ ୭ଜଣ ମହିଳା ଅଛନ୍ତି ।

ଆଜି ରାତି ସାଢ଼େ ...

ଏଠାରେ ରାତ୍ରି ଯାପନ କରିବେ । ପରଦିନ ଅର୍ଥାତ୍ ସୋମବାର ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ନବରଙ୍ଗପୁରରେ ଆୟୋଜିତ ୨ଟି ଜନସମାବେଶରେ ଉଦ୍‌ବୋଧନ ଦେବେ । ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଉଦ୍ଦେଶ୍ୟରେ ଓଡ଼ିଶା ଆସୁଥିବାରୁ ବିଜେପିର ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି ।

ଇସ୍ପାତ ଉତ୍ପାଦନରେ...

ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୧୧% ଅଧିକ । ଏହି ଅଭିବୃଦ୍ଧି ସହିତ ଇସ୍ପାତ ଉତ୍ପାଦନରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ଓଡ଼ିଶାରେ ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଭରି ରହିଥିବା ବେଳେ ରାଜ୍ୟ ସରକାରଙ୍କ ସକାରାତ୍ମକ ଉଦ୍ୟମ ହେତୁ ଦକ୍ଷ ମାନବସମ୍ବଳ ଅଭାବ ଦୂର ହୋଇଛି । ସହଜରେ ଶିଳ୍ପାୟନ ନୀତି ତଥା ବ୍ୟବସାୟୀକ ପରିବେଶ ହେତୁ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା । ଇସ୍ପାତ ଉତ୍ପାଦନରେ ଓଡ଼ିଶା ପଛକୁ ଝାରଖଣ୍ଡ (୨୦ ନିୟୁତ ଟନ୍) ଏବଂ ଛତିଶଗଡ଼ (୧୮ ନିୟୁତ ଟନ୍) ରହିଛନ୍ତି ।

ହାଇକୋର୍ଟରେ ଜେଲ୍ ...

ବର୍ତ୍ତମାନର ନିର୍ଦ୍ଦେଶ ସଂକ୍ରାନ୍ତରେ ସମସ୍ତ ୟୁଟିଆରସିଙ୍କୁ ଅବଗତ କରିବାକୁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ବିଭିନ୍ନ ଜେଲରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ଅଧିକ ବନ୍ଦୀଙ୍କୁ ରଖାଯିବା ପ୍ରସଙ୍ଗରେ ୟୁଟିଆରସିର ମତାମତ ଲୋଡ଼ାଯିବ । ପରବର୍ତ୍ତୀ ଶୁଣାଣି ସମୟରେ ୟୁଟିଆରସିଙ୍କ ପଦକ୍ଷେପ ଓ ମତାମତ ସଂକ୍ରାନ୍ତରେ ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହିତ ଜେଲରେ ଭିଡ଼ ଏଡ଼ାଇବା ପ୍ରସଙ୍ଗରେ ହେବାକୁ ଥିବା ଅଗ୍ରଗତି ସଂକ୍ରାନ୍ତରେ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ ଜେଲ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଅଦାଲତରୁ ଜାମିନ ନିର୍ଦ୍ଦେଶ ପାଇବା ପରେ ମଧ୍ୟ ଧାର୍ଯ୍ୟ ଜାମିନ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇ ଜେଲରେ ଥିବା ବନ୍ଦୀଙ୍କ ମୁକ୍ତି ପ୍ରସଂଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ରାଜ୍ୟ ଆଇନସେବା ପ୍ରାଧିକରଣକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶନିବାର ଶୁଣାଣି ସମୟରେ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଉପସ୍ଥାପନ କରାଯାଇଥିବା ତଥ୍ୟ ଅନୁଯାୟୀ ଜାମିନ ପାଇବା ପରେ ମଧ୍ୟ ଜେଲରେ ରହିଥିବା ବନ୍ଦୀଙ୍କ ସଂଖ୍ୟା ଇତିମଧ୍ୟରେ ୪୪୪ରୁ ହ୍ରାସ ପାଇ ୨୬୬ରେ ପହଞ୍ଚିଛି । ଏଭଳି ବନ୍ଦୀଙ୍କ ଜେଲରୁ ମୁକୁଳିବା ପ୍ରସଙ୍ଗରେ ନିର୍ଦ୍ଦିଷ୍ଟ ଭାବେ କଣ ପଦକ୍ଷେପ ଗ୍ରହଣ କରାଯାଉଛି ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ରାଜ୍ୟ ଆଇନସେବା ପ୍ରାଧିକରଣକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଇଣ୍ଟରଭେନର ଭାବେ ପକ୍ଷଭୁକ୍ତ ହୋଇଥିବା ଆଇନଜୀବୀ ମୃଣାଳିନୀ ପାଡୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ସରକାରଙ୍କ ବିଭିନ୍ନ ମଙ୍ଗଳକାରୀ ଯୋଜନାର ସୁବିଧା ଅନୁସୂଚିତ ଜନଜାତି ଜାତି, ପଛୁଆବର୍ଗର ଜେଲ ଭିତରେ ଥିବା ଶିଶୁଙ୍କୁ ମଧ୍ୟ ମିଳିବା କଥା । ଶ୍ରମରେ ନିୟୋଜିତ ବନ୍ଦୀଙ୍କୁ ଉପଯୁକ୍ତ ଆହାର ପ୍ରଦାନ କରାଯିବା । କଥା ଅନ୍ୟ ବନ୍ଦୀଙ୍କ ଠାରୁ କଠୋର ଶ୍ରମଦାନ କରୁଥିବା ବନ୍ଦୀଙ୍କୁ ଉପଯୁକ୍ତ ଅଧିକ ଖାଦ୍ୟ ପ୍ରଦାନ କରାଯିବା ଉଚିତ ବୋଲି ସେ ଦର୍ଶାଇଥିଲେ । ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଶ୍ରମ କରୁଥିବା ବନ୍ଦୀଙ୍କୁ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ପ୍ରଦାନ ପ୍ରସଙ୍ଗରେ ଗତ ଜାନୁଆରୀରେ ଆଲୋଚନା କରାଯାଇଥିଲା । ଶ୍ରମରେ ନିୟୋଜିତ ବନ୍ଦୀଙ୍କୁ ୩୨୭ କିଲୋକ୍ୟାଲୋରି ଖାଦ୍ୟ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା । ଏପରି ପ୍ରସ୍ତାବ କାର୍ଯ୍ୟକାରୀ ପ୍ରସଙ୍ଗରେ ଜବାବ ରଖିବାକୁ ସରକାରଙ୍କ ତରଫରୁ ଅଧିକ ସମୟ ଲୋଡା ଯାଇଥିଲା । ହାଇକୋର୍ଟ ଏ ସଂପର୍କିତ କୃଷ୍ଣପ୍ରସାଦ ସାହୁଙ୍କ ଜନସ୍ୱାର୍ଥ ଆବେଦନର ମେ' ୧୭କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି । ଆମିକସ କ୍ୟୁରି ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି ।

ବିଜେଡ଼ିରେ ଯୋଗଦେଲେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜେପି ନେତା ସଂଗ୍ରାମ ମହାପାତ୍ର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ବିଜେପି ନେତା ସଂଗ୍ରାମ ମହାପାତ୍ରଙ୍କ ସମେ

ସମୟ କଳିକା
ଶେଷ ପୃଷ୍ଠା
ଭୁବନେଶ୍ୱର
୫ ମଇ
ରବିବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ଏସ୍‌ସିବିରେ ସଫଳ ହେଲା ଲିଭର ଟ୍ରାନସପ୍ଲାଣ୍ଟ ଅପରେସନ

କଟକ, ୦୪/୦୫ ନ୍ୟୁଜ ବ୍ୟୁରୋ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଡ ଉପଲବ୍ଧି ହାସଲ କଲା ଏସ୍‌ସିବି ମେଡିକାଲ କଲେଜ। ଦୀର୍ଘ ୧୨ ବର୍ଷର ଅପେକ୍ଷା ପରେ ସଫଳ ହୋଇଛି ପ୍ରଥମ ଲିଭର ପ୍ରତିରୋପଣ ଅପରେସନ । ହାଇଦ୍ରାବାଦର ଏଆଇଜି ହସ୍ପିଟାଲ ଓ କଟକ ଏସସିବି ମେଡିକାଲର ମିଳିତ ସହାୟତାରେ ଏହି ସଫଳତା ହାସଲ ହୋଇଛି । ଯାହା ପାଇଁ ଶନିବାର ନୂଆ ଜୀବନ ପାଇ ଘରକୁ ଫେରିଛନ୍ତି ଆଠଗଡ଼ ତିଗିରିଆ ଅଞ୍ଚଳର ମାନସ ବାରିକ । ଗତ ଏପ୍ରିଲ ୩ ତାରିଖରେ ଏସ୍‌ସିବି ମେଡିକାଲର ଟ୍ରମା ବିଲଡିଂର ସ୍ୱତନ୍ତ୍ର ମୋଡ୍ୟୁଲାର ଓଟିରେ ଆରମ୍ଭ ହୋଇଥିଲା ଯକୃତ ପ୍ରତିରୋପଣ ପ୍ରକ୍ରିୟା । ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଲୋଜି ହାଇଦ୍ରାବାଦ ସହ ଏସ୍‌ସିବିର ଚୁକ୍ତି ହେବା ପରେ ଏଆଇଜିର ଏକ ୯ ଜଣିଆ ଡାକ୍ତରୀ ଟିମ୍ ସହ ଏସ୍‌ସିବି ମେଡିକାଲର ଡାକ୍ତରମାନେ ମିଳିତ ଭାବେ ଏହି ପ୍ରତିରୋପଣ ଅପରେସନ କରିଥିଲେ। ତେବେ ଆଗାମୀ ଦିନରେ ଏହି ଯକୃତ ପ୍ରତିରୋପଣ ଅପରେସନ ନିୟମିତ ଭାବରେ ଜାରି ରହିବ । ଯାହାଦ୍ୱାରା ଗୁରୁତର ରୋଗୀମାନେ ନୂଆ ଜୀବନ ପାଇ ପାରିବେ ବୋଲି କହିଛନ୍ତି ଏସ୍‌ସିବି

ମେଡିକାଲ ଅଧିକ୍ଷକ ଓ ଏଆଇଜି ହସ୍ପିଟାଲ କର୍ତ୍ତୃପକ୍ଷ । ଏସ୍‌ସିବି ମେଡିକାଲ ଅଧିକ୍ଷକ ଡ଼ଃ ସୁଧାଂଶୁ ଶେଖର ମିଶ୍ର କହିଛନ୍ତି ଯେ, ଏଥି ପାଇଁ ନିୟମିତ ଭାବେ ଓପିଡି ଆରମ୍ଭ ହେବ । ଦ୍ୱିତୀୟ ଲିଭର ପ୍ରତିରୋପଣ ପାଇଁ ଯୋଜନା କରାଯାଇଛି । ରାଜ୍ୟରେ ଗରିବ ଲୋକମାନେ ଏଥିରେ ଉପକୃତ ହେବେ। ସେହିପରି ଏଆଇଜି ହସ୍ପିଟାଲ ନିର୍ଦ୍ଦେଶକ ଡ଼ଃ ବାଲାଚନ୍ଦ୍ରନ ମେନନ କହିଛନ୍ତି ଯେ, ଏସସିବି ମେଡିକାଲ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ଏଣିକି ଏଠାରେ ସପ୍ତାହରେ ୨ଟି ଲେଖାଏଁ ଅପରେସନ ହୋଇପାରିବ । ଆମେ ସହଯୋଗିତା ଭିତ୍ତିରେ ଏସ୍‌ସିବି ମେଡିକାଲକୁ ଟେକ୍ନିକାଲ ସହାୟତା ଓ ମେଡିକାଲ ଟ୍ରେନିଂ ଯୋଗାଇଦେବୁ । ସୂଚନାଯୋଗ୍ୟ ଯେ ମାନସ ଲିଭର ସିରୋସିସ ରୋଗରେ ପୀଡିତ ହେବା ପରେ ଜୀବନରେ ବଞ୍ଚିବାର ଆଶା ଛାଡିଦେଇଥିଲେ । ପେଶାରେ ଡ୍ରାଇଭର ଥିବା ମାନସଙ୍କୁ ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା କୁଆଡୁ ଆସିବା ନେଇ ଚିନ୍ତା ଘାରିଥିଲା । କିନ୍ତୁ ତାଙ୍କ ପତ୍ନୀ ତାଙ୍କୁ ଭଲ କରିବା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ । ଏହାପରେ ହେପାଟୋଲୋଜି ବିଭାଗରେ ସମସ୍ତ ଚିକିତ୍ସା ଓ ପରୀକ୍ଷା ନିରୀକ୍ଷା ପରେ ୭ ସପ୍ତାହ ତାଙ୍କୁ ଡାକ୍ତରୀ ଟିମ୍ ସର୍ଭିଲାନ୍ସରେ ରଖିଥିଲା । ପରେ ଗତ ମାସ ୩ ତାରିଖରେ ତାଙ୍କର ସଫଳ ଅପରେସନ ସମ୍ଭବ ହୋଇଥିଲା । ଧର୍ମପତ୍ନୀ ରଶ୍ମିତା ବାରିକଙ୍କ ଲିଭରର କିଛି ଅଂଶ ମାନସଙ୍କ ଶରୀରରେ ମ୍ୟାଚ କରିବାରୁ ତାଙ୍କ ଦେହରେ ଏହାକୁ ସଫଳ ଭାବରେ ପ୍ରତିରୋପଣ କରାଯାଇଥିଲା । ଯାହାପାଇଁ ଶନିବାର ଏକ ନୂଆ ଜୀବନ ପାଇଛନ୍ତି ମାନସ । ଆଗାମୀ ଦିନରେ ଏଭଳି ଅଙ୍ଗଦାନ କରିବା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି କହିଛନ୍ତି ମାନସ ବାରିକ ଓ ତାଙ୍କ ପତ୍ନୀ । ଦୀର୍ଘ ୧୨ ବର୍ଷ ପରେ ଯକୃତ ପ୍ରତିରୋପଣ ଭଳି ଜଟିଳ ଅପରେସନ ଏସ୍‌ସିବି ଆରମ୍ଭ କରିବା ପରେ ଏଣିକି ଏହି ରୋଗରେ ପୀଡିତ ରୋଗୀ ଅନେକ ମାତ୍ରାରେ ସୁସ୍ଥ ହୋଇ ଘରକୁ ଫେରିପାରିବେ ।

କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିବା ଅବସରରେ ଦଳର ବରିଷ୍ଠ ନେତା ତଥା '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସାଧାରଣ ଜନତାଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

ଧର୍ମେନ୍ଦ୍ର ଯାହାଙ୍କୁ ହେଳା କଲେ ପ୍ରଣବ ତାଙ୍କୁ କୋଳେଇ ନେଲେ: ବିଜେଡି

ଭୁବନେଶ୍ୱର, ୪/୦୫ ନ୍ୟୁଜ ବ୍ୟୁରୋ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣେ କଳାକାରଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ କଳାକାର କିମ୍ବା ତାଙ୍କ ପରିବାର ପ୍ରତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହାନଭୂତି ଦେଖାଇନଥିବା ବିଜେଡି ଅଭିଯୋଗ କରିଛି । ସେପଟେ ମୃତକଙ୍କ ପରିବାରକୁ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୋଷ୍ୟ ଭାବେ ଗ୍ରହଣ କରିଥିବା ଜଣାପଡ଼ିଛି । ଏନେଇ ଶନିବାର ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଟାର୍ଗେଟ କରିଛନ୍ତି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଭୋଟ ପାଇଁ ବିକଳ ହୋଇ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର କ୍ଷେତ୍ରରେ ଦୁଇ ଦଳର ଶୀର୍ଷ ନେତା ନିର୍ବାଚନରେ ଓହ୍ଲାଇଛନ୍ତି। ଗୋଟେ ପଟେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟପଟେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉଭୟ ନେତାଙ୍କ ଆଚରଣ ଓ ଉଚ୍ଚାରଣ ଭିତରେ

ଭିନ୍ନତା ରହିଛି। ଦୁଇ ଦିନ ତଳେ ନାମାଙ୍କନ ଦାଖଲ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଲୋକଙ୍କ ପାଖରେ ମିଛ ଭ୍ରମ ସୃଷ୍ଟି କରିବା ସହ ନାମାଙ୍କନରେ ଲୋକଙ୍କ ସଂଖ୍ୟା ଦେଖାଇବା ଲାଗି ସେ ୪୦ କଳାକାର ଦଳଙ୍କୁ ନିୟୋଜିତ କରିଥିଲେ। ଯାହା ଫଳରେ ସାଧାରଣ ଲୋକଙ୍କ ମନରେ ଭ୍ରମ ସୃଷ୍ଟି ହେବ ବହୁତ ଲୋକ ଅଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବାମରା ବ୍ଲକର କୁମାର ମାଝୀ ଆସିଥିଲେ । ପାଣି ଟୋପେ ନପାଇ ସେ ହଠାତ ମୃତ୍ୟୁ ବରଣ କଲେ । ଗୋଟେ ଲୋକର ମୃତ୍ୟୁ ହେବା ପରେ ତାଙ୍କୁ ଶେଷ ସମ୍ମାନ ଦେବା ପାଇଁ ଗଲେ ନାହିଁ ଧର୍ମେନ୍ଦ୍ର। ମୃତକଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ପାଇଁ ଧର୍ମେନ୍ଦ୍ରଙ୍କୁ ସମୟ ହେଲାନାହିଁ। ଅନ୍ୟପକ୍ଷରେ ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଓ ତାଙ୍କ ଟିମ୍ ମୃତ୍ୟୁ ବରଣ କରିଥିବା ପରିବାର ଲୋକଙ୍କ ଘରେ ପହଞ୍ଚିଥିଲେ । ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ମଧ୍ୟ ଉପସ୍ଥିତ ଥିଲେ । ପ୍ରଣବ ପ୍ରକାଶ ଦାସ ମୃତକଙ୍କ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଆମ ପରିବାରର ସଦସ୍ୟ ଭାବେ ସେ ପରିବାର ହୋଇଗଲେ । ଗୋଟେ ଧର୍ମେନ୍ଦ୍ରଙ୍କ ପ୍ରଚାର କାର୍ଯ୍ୟରେ ଆସିଥିବା ଲୋକର ମୃତ୍ୟୁ ହେଉଛି, ତାଙ୍କୁ ଦେଖିବାକୁ ବିଜେପି ନେତାଙ୍କୁ ସମୟ ହେଉନାହିଁ । ଅନ୍ୟପକ୍ଷରେ ସଂଗଠନରୁ ଉପୃତି ଲାଭ କରିଥିବା ପ୍ରଣବ ସମ୍ପୂର୍ଣ୍ଣ ପରିବାରକୁ ନିଜର କଲେ । ରାଜନୀତିର ଅର୍ଥ ନୁହେଁ ମୃତଦେହ ଉପରେ ଚଢ଼ି କ୍ଷମତା ଉପଭୋଗ କରିବେ। ରାଜନୀତି ହେଉଛି ମଣିଷ ପଣିଆ। ଧର୍ମେନ୍ଦ୍ର ନିର୍ବାଚନ ପାଇଁ ମଣିଷ ପଣିଆ ଭୁଲନ୍ତୁ ନାହିଁ ବୋଲି କହିଛନ୍ତି ଲେନିନ ।

ଆସିଲାଣି ୫୪୮ ଅଭିଯୋଗ, ୪୪୯ରେ କାର୍ଯ୍ୟାନୁଷ୍ଠାନ: ସିଇଓ

ଭୁବନେଶ୍ୱର, ୪/୫ ନ୍ୟୁଜ ବ୍ୟୁରୋ

ଆଦର୍ଶ ଆଚରଣବିଧି ଉଲ୍ଲଂଘନ ସଂକ୍ରାନ୍ତୀୟ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ମାର୍ଚ୍ଚ ୧୬ ତାରିଖରୁ ମେ' ମଧ୍ୟରେ ସର୍ବମୋଟ ୫୪୮ଟି ଅଭିଯୋଗ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ହସ୍ତଗତ ହୋଇଛି । ଏହା ମଧ୍ୟରୁ ୪୪୯ଟି ଅଭିଯୋଗ ଉପରେ ବିଧି ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅବଶିଷ୍ଟ ୯୯ଟି ଅଭିଯୋଗର ମଧ୍ୟ ସମୀକ୍ଷା ସହ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ । ଦେଶରେ ସାଧାରଣ ନିର୍ବାଚନ-୨୦୨୪ ପାଇଁ ୨୦୨୪ ମାର୍ଚ୍ଚ ୧୬ ତାରିଖରୁ ହିଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା । ଓଡ଼ିଶାରେ ଲୋକସଭା ଓ ବିଧାନସଭା ଉଭୟ ନିର୍ବାଚନ ପାଇଁ ଉକ୍ତ ଦିନରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା। ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ଏହାର ଉଲ୍ଲଂଘନ ସଂକ୍ରାନ୍ତୀୟ ଅନେକ ଆପତ୍ତି ଅଭିଯୋଗ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଆସିଛି । ଏହି ସମସ୍ତ ଅଭିଯୋଗଗୁଡ଼ିକ ଉପରେ ବିଧି ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ଆଦର୍ଶ ଆଚରଣ ବିଧି ସମୟରେ ରାଜନୈତିକ ଦଳମାନଙ୍କ ଆଚରଣ, ରାଜନୈତିକ ସଭା, ରାଲି, ନିର୍ବାଚନୀ ଇସ୍ତାହାର, ମତଦାନ

ଦିବସ, ମତଦାନ କେନ୍ଦ୍ର, କ୍ଷମତାସୀନ ଦଳଙ୍କ କାର୍ଯ୍ୟକଳାପ ଆଦି ବିଷୟରେ ବ୍ୟବହାର ନିର୍ଦ୍ଦିଷ୍ଟ କରାଯାଇଥିବା ସେ କହିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି, 'କୌଣସି ସ୍ତର ଓ ବ୍ୟକ୍ତିଙ୍କ ଦ୍ୱାରା ଏହାର ଉଲ୍ଲଂଘନ ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରେ ବିଭିନ୍ନ ରାଜନୈତିକ ଦଳ ଓ ଜନସାଧାରଣଙ୍କ ତରଫରୁ ଅଭିଯୋଗ କରାଯାଉଛି । କିଛି କ୍ଷେତ୍ରରେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏହି ସଂକ୍ରାନ୍ତୀୟ ଅନେକ ପ୍ରସ୍ତାବ ଆସିଛି । ୨୦୨୪ ମାର୍ଚ୍ଚ ୧୬ ତାରିଖରୁ ମେ'୨ ତାରିଖ ମଧ୍ୟରେ ସର୍ବମୋଟ ୫୪୮ଟି ଅଭିଯୋଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ହସ୍ତଗତ ହୋଇଛି । ଏହା ମଧ୍ୟରୁ ୪୪୯ଟି ଅଭିଯୋଗ ଉପରେ ବିଧି ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇସାରିଛି । ଅବଶିଷ୍ଟ ୯୯ଟି ଅଭିଯୋଗର ମଧ୍ୟ ସମୀକ୍ଷା ଚାଲିଛି ଓ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, 'ରାଜ୍ୟରେ ଆଦର୍ଶ ଆଚରଣ ବିଧି ଅନୁପାଳନ ସହ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରାଥମିକତା ରହିଛି । ଏହି ବିଧିର ଉଲ୍ଲଂଘନ ପ୍ରତି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଶୂନ୍ୟ ସହନଶୀଳତା ରହିଛି । ସି-ଭିଜିଲ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମଧ୍ୟ ଜନସାଧାରଣ ବହୁସଂଖ୍ୟକ ଅଭିଯୋଗ ଆଣୁଛନ୍ତି । ଶୀଘ୍ର ସେସବୁର ସମାଧାନ ମଧ୍ୟ କରାଯାଉଛି । ଏଭଳି ପଦକ୍ଷେପଗୁଡ଼ିକ ଦ୍ୱାରା ଏକ ଶୃଙ୍ଖଳାପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା କରାଯାଉଛି । ସ୍ୱଚ୍ଛ, ମୁକ୍ତ, ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶୃଙ୍ଖଳାଯୁକ୍ତ ନର୍ବାଚନ ପ୍ରକ୍ରିୟା ହେଉଛି ଭାରତୀୟ ଗଣତନ୍ତ୍ରର ଶକ୍ତି ଓ ଗୌରବ । ମତଦାନ ଦ୍ୱାରା ସମସ୍ତେ ଏହି ମହୋତ୍ସବରେ ସାମିଲ ହେବା ଉଚିତ।

ନିର୍ବାଚନ ବେଳେ ଟଙ୍କା ଓ ଗିଫ୍ଟ ଉପରେ ନଜର

ଭୁବନେଶ୍ୱର, ୪/୫ ନ୍ୟୁଜ ବ୍ୟୁରୋ

ନିର୍ବାଚନ ପୂର୍ବରୁ କାର୍‌ରୁ ଜବତ ହେଲା ଲକ୍ଷ ଲକ୍ଷ ଟଙ୍କା । ରଜଧାନୀର ନନ୍ଦନକାନନ ଥାନା ଅଞ୍ଚଳରୁ କାର୍‌ରୁ ମିଳିଲା ବିପୁଳ ଟଙ୍କା । ଚେକିଂ ବେଳେ ବାରଙ୍ଗ ରାସ୍ତାରେ ଆଶୀର୍ବାଦ ଗାର୍ଡେନ ପାଖରେ ଜବତ ହୋଇଥିଲା ଟଙ୍କା । ଏକ କଳା ରଙ୍ଗର କାର୍‌କୁ ଚେକିଂ ବେଳେ ଅଟକାଇଥିଲେ ପୋଲିସ । ଚେକିଂ ସମୟରେ ଉକ୍ତ କାର୍‌ରୁ ୨ଲକ୍ଷ ୫ହଜାର ଟଙ୍କା ଜବତ କରିଥିଲା ଷ୍ଟାଟିକ ସର୍ଭିଲାନସ ଟିମ୍ ଓ ପୋଲିସ । ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, କାହିଁକି ନିଆଯାଉଥିଲା ଏନେଇ ପଚରାଉଚରା କରିଥିଲା ପୋଲିସ । ହେଲେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଜବତ ଟଙ୍କା ଖୋର୍ଦ୍ଧା ଏଡିଏମଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପୋଲିସ କମିଶନରଙ୍କ ସୂଚନାମୁତାବକ କାର୍‌ର ମାଲିକ ହେଲେ ମନୋଜ କୁମାର ଅଗ୍ରୱାଲ । ସେ କାର୍‌ରେ ଟଙ୍କା ନେଇ ଯାଉଥିବା ବେଳେ ପୋଲିସର ମିଳିତ ଟିମ୍ ହାତରେ ଧରାପଡିଥିଲେ । ଯେହେତୁ ନିର୍ବାଚନ ସମୟରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନେବା ଆଣିବାର ନିୟମ ରହିଛି । ତା'ଠାରୁ ଅଧିକ ହେଲେ ପୋଲିସ ଏନେଇ ଯାଞ୍ଚ ସହ ଏହାର ତଦାଘନା କରିବ । ସେହି ଆଧାରରେ ଚେକିଂ ବେଳେ ଧରାପଡ଼ିବା ପରେ ପୋଲିସ ଟଙ୍କା ଜବତ କରିଛି । କମିସନରେଟ ପୋଲିସ ପକ୍ଷରୁ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ଷ୍ଟାଟିକ ସର୍ଭିଲାନସ ଟିମ୍ ଗଠନ କରାଯାଇଛି । ଏନେଇ ଅସ୍ଥାୟୀ ନାକା ମଧ୍ୟ ଲଗାଯାଇଛି। ଆଗାମୀ କିଛି ଦିନରେ ସ୍ଥାୟୀ ନାକା ଲଗାଯିବ । ନିର୍ବାଚନକୁ ଆଖି ଆଗରେ ରଖି ଆହୁରି ଅଧିକ ଏନଫୋର୍ସମେଣ୍ଟ ବଢାଯିବ । ଆଗାମୀ ଦିନରେ ଚେକିଂ କଡାକଡି ମଧ୍ୟ ହେବ । ତେବେ ଗତ ୨୮ଏପ୍ରିଲରେ ମଧ୍ୟ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବ୍ଲକିଂଚେକିଂ ବେଳେ ଓମ୍‌ଫେଡ ଛକ ନିକଟରୁ ଧରାପଡ଼ିଥିଲା ଏକ ଟାଟା ହାରିୟର କାର୍ । ଏନେଇ ଚନ୍ଦକାରୁ ଜଣେ ପାଣି କମ୍ପାନୀ ବ୍ୟବସାୟୀ ସାତଶଙ୍ଗ ପୁରୀ ଯିବାବେଳେ ଗାଡିରୁ ୩ଲକ୍ଷ ୬୦ହଜାର ଟଙ୍କା ଜବତ ହୋଇଥିଲା । ତେବେ ୫୦୦ଟଙ୍କିଆ ୬୩୫ଟି ୧୦୦ଟଙ୍କିଆ ୪୧୭ ଓ ୨୦୦ ଟଙ୍କିଆ ୪ ଖଣ୍ଡ ଜବତ ହୋଇଥିଲା । ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆଣିଥିଲେ ସେନେଇ ସନ୍ତୋଷଜନକ ଉତ୍ତର ଦେଇ ନଥିଲେ । ଫଳରେ ପୋଲିସ ଉକ୍ତ ଟଙ୍କାକୁ ଜବତ କରିଥିଲା । ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ଇଲେକ୍ସନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ନଗଦ ଟଙ୍କା କାରବାର ଓ ଗିଫ୍ଟ ଆଇଟମ ଆଦି ଉପରେ ଅଧିକ ନଜର ରଖାଯାଇଛି । ବିଶେଷ କରି ଏସବୁ ଉପରେ ଚେକିଂ କଡାକଡି ମଧ୍ୟ ହେଉଛି ।

ନିର୍ବାଚନ ପୂର୍ବରୁ ରାଜଧାନୀରେ ଲାଗିଲା ଦାଗିଙ୍କ ତାଲିକା

ଆତ୍ମସମର୍ପଣ ନକଲେ ଉଠାଇନେବ ପୋଲିସ

ଭୁବନେଶ୍ୱର, ୪/୦୫ ନ୍ୟୁଜ ବ୍ୟୁରୋ

ନିର୍ବାଚନ ବେଳେ ଜାମିନ ବିହୀନ ଗିରଫ ପରୱାନାରେ ଥିବା ଦାଗିଙ୍କୁ ଖୋଜିବା ଆରମ୍ଭ କରିଛି କମିଶନରେଟ ପୋଲିସ । ରାଜଧାନୀରେ ଫେରାର ଦାଗିଙ୍କ ପାଇଁ ଜାରି ହେଲା ଲଟକା । ଜାମିନ ବିହୀନ ୱାରେଣ୍ଟ ବା ଏନ୍‌ବିଡବ୍ଲୁ ଲାଗିଥିବା ଦାଗିଙ୍କ ଘର ଆଗରେ ଲଟକା ଲଗାଇଛି ପୋଲିସ । ଅର୍ଥାତ ଘରେ କି ସ୍ଥାନୀୟ ଅଞ୍ଚଳରେ ନଥିଲେ ମଧ୍ୟ ଯେଉଁଠି ଥିଲେ ତୁରନ୍ତ ସ୍ଥାନୀୟ ଥାନାରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି । ନଚେତ କୌଣସି ମୁହୂର୍ତ୍ତରେ ପୋଲିସ ଉଠାଇନେବ । ପୂର୍ବରୁ କମିଶନରେଟ ପୋଲିସର ୱେବସାଇଟରେ ଏହି ଦାଗିଙ୍କ ତାଲିକା ଜାରି କରାଯାଇଥିବା ବେଳେ ଏବେ ସିଧା ସେମାନଙ୍କ ଘରକାନ୍ଥ ଓ ଅନ୍ୟ ସାର୍ବଜନୀନ ସ୍ଥାନରେ ଏହାକୁ ଲଗାଯାଇଛି । ଏନେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ''ଆମର ଇଲେକ୍ସନ ଏନଫୋର୍ସମେଣ୍ଟ ବେଶ୍ ଭଲ ଭାବେ ଚାଲିଛି । ଗତ

ଜାନୁଆରୀରୁ ଏହି ଏନଫୋର୍ସମେଣ୍ଟ ପ୍ରକ୍ରିୟା ଜାରି ରହିଛି। ଗତ ଚାରିମାସ ହେବ ଏନ୍‌ବିଡବ୍ଲୁ ଡ୍ରାଇଭ ଅଧୀନରେ ମୋଟ ୪୫୭ ଜଣଙ୍କୁ କୋର୍ଟରେ ହାଜର କରାଯାଇଛି । ଯେଉଁମାନେ ଦାଗି ରହିଛନ୍ତି, ସେମାନଙ୍କୁ ପୋଲିସ ଖୋଜିବା ଜାରି ରଖିଛି । ଦୀର୍ଘ ଦିନ ହେବ ଯେଉଁମାନଙ୍କ ନାଁରେ ଏନ୍‌ବିଡବ୍ଲୁ ଜାରି ହୋଇଛି, ସେମାନଙ୍କୁ ପୋଲିସ କୋର୍ଟରେ ସରେଣ୍ଡର କରିବାକୁ କହୁଛି, ନଚେତ ବିଭିନ୍ନ ସ୍ଥାନରେ ଚଢଉ କରି ଗିରଫ କରିବା ପରେ କୋର୍ଟରେ ହାଜର କରୁଛି । ଲୋକଙ୍କ ସହାୟତାରେ ଏନ୍‌ବିଡବ୍ଲୁ ଦାଗିଙ୍କୁ ଧରିବା ପାଇଁ ସେମାନଙ୍କ ତାଲିକା କମିଶନରେଟ ପୋଲିସ ୱେବସାଇଟରେ ଜାରି କରାଯାଇଥିଲା। ଏବେ ସେମାନଙ୍କୁ ସିଧାସଳଖ ଅବଗତ ପାଇଁ ବିଭିନ୍ନ ପଞ୍ଚାୟତ ଅଫିସ୍ ଓ ଥାନାର ନୋଟିସ ବୋର୍ଡରେ ଏହି ତାଲିକା ଲଗାଯାଇଛି । ଏଥିସହ ଯେଉଁ ଦାଗିମାନେ ଘରେ ନାହାନ୍ତି, ସେମାନଙ୍କ ଘରେ ମଧ୍ୟ ପୋଲିସ ଏହି ଲଟକା ଜାରି କରିଛି ।'' ଅଧିକ ଦିନ ଧରାନପଡ଼ି ଲୁଚି ରହିଲେ କୋର୍ଟ ସେମାନଙ୍କ ନାମରେ ୱାରେଣ୍ଟ ଜାରି କରିଥାନ୍ତି । ଫଳରେ ଏନ୍‌ବିଡବ୍ଲୁ ଭୟରେ ବେଶୀ ଦିନ ଲୁଚି ପାରିବେନି। କିନ୍ତୁ ଦୀର୍ଘ ଦିନ ଧରି ଅନେକ ମାମଲା ବିଭିନ୍ନ ଥାନା ଅଧୀନରେ ପଡ଼ି ରହିଥିଲା। ଯେଉଁମାନଙ୍କ ପାଇଁ ନିର୍ବାଚନ ପ୍ରଭାବିତ ହେବା ଆଶଙ୍କା କରି ଏଭଳି ଦାଗୀଙ୍କୁ ଧରିବା ପାଇଁ ପୋଲିସ ରଣନୀତି ଆରମ୍ଭ କରିଛି । ତେବେ କମିଶନରେଟ ପୋଲିସ ଅଧୀନରେ ଥିବା ଦାଗୀଙ୍କୁ ଧରିବା ପାଇଁ ପୋଲିସ ଡ୍ରାଇଭ ଜାରି ରଖିଥିଲା । ଏଥିପାଇଁ ଟ୍ୱିନସିଟିରେ ଥିବା ୪୧୧୯ ଜଣ